୬

## ପ୍ରଥମ ଟେଷ୍ଟ : ଯଶସ୍ୱୀ ଜୟସ୍ୱାଲ ଓ ଗିଲ୍‌ଙ୍କ ଲଢୁଆ ଶତକ, ଦୃଢ଼ ସ୍ଥିତିରେ ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

[ ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୪୩ ● ୨୧ ଜୁନ୍ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-143 ● 21st June 2025, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


### ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ : ୧୯ ହଜାର କୋଟିର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

# ରାଜ୍ୟରେ ମୋହନ ମାଝୀ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା



ଭୁବନେଶ୍ୱର, ୨୦।୬

ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶାରେ ବିଜେପି ସରକାରଙ୍କ ବର୍ଷପୂର୍ତ୍ତି ସମାରୋହ ଅବସରରେ ପାନୀୟ ଜଳ, ଜଳ ସେଚନ କୃଷି ଢାଞ୍ଚା, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ସଡ଼କ ଓ ସେତୁ, ଜାତୀୟ ରାଜପଥ ଓ ଏକ ନୂତନ ରେଳ ଲାଇନ୍ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ରାୟ ୧୯ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ପାଇଁ ଭିଜନ ୨୦୩୬ ଓ ୨୦୪୭ ଉନ୍ମୋଚନ କରିଛନ୍ତି।

ଜନତା ମଇଦାନଠାରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ, କାରଣ ଏହି ଦିନ ଓଡିଶାରେ ପ୍ରଥମ ଭାଜପା ସରକାରର ଏକ ବର୍ଷ ପୂର୍ଣ୍ଣ ହେଉଛି। ପ୍ରଧାନମନ୍ତ୍ରୀ କହିଲେ, ଏହି ବର୍ଷ ପୂର୍ତ୍ତି କେବଳ ଏକ ସରକାରର ନୁହେଁ ବରଂ ଏହି ଏକ ବର୍ଷରେ ଜନସେବା ଓ ଜନବିଶ୍ୱାସ ପ୍ରତି ସମର୍ପିତ ଉତ୍ତମ ଶାସନର ସ୍ଥାପନା କରାଯାଇଛି । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସରକାର ଓଡିଶାର କୋଟିକୋଟି ଲୋକଙ୍କ ଆଶା ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିବା ପାଇଁ ଅନେକ ପ୍ରୟାସ କରିଛି। ଶ୍ରୀ ମୋଦୀ ଓଡିଶାବାସୀଙ୍କୁ ସେମାନଙ୍କର ସମର୍ଥନ ଓ ବିଶ୍ୱାସ ପାଇଁ ହୃଦୟପୂର୍ଣ୍ଣ ଶୁଭେଚ୍ଛା ଜଣାଇଥିଲେ। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ତାଙ୍କ ସମ୍ପୂର୍ଣ୍ଣ ଟିମ୍‌କୁ ସେମାନଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ ଓ କହିଥିଲେ ଯେ ସେମାନଙ୍କର ପ୍ରୟାସ ଓଡିଶାର ବିକାଶକୁ ନୂତନ ଗତି ଦେଇଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଓଡିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଦୀପ୍ତିମାନ ତାରକା । ଓଡିଶା ଦୀର୍ଘ କାଳ ଧରି ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ସମୃଦ୍ଧ କରିଆସିଛି। ସେ କହିଲେ ଯେ ଆଜି ବିକାଶ ଓ ଐତିହ୍ୟର ମନ୍ତ୍ର ଯେତେବେଳେ ଭାରତର ବିକାଶ ଆଧାର ହୋଇଛି, ସେତେବେଳେ ଓଡିଶାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ କହିଲେ ଯେ ରାଜ୍ୟ ସରକାର ଗତ ଏକ ବର୍ଷ ଧରି ଓଡିଶା ବିକାଶର ମନ୍ତ୍ରକୁ ତାଙ୍କର ଐତିହ୍ୟ ସଂରକ୍ଷଣ ସହିତ ଅଙ୍ଗୀକାର କରିଛି ଓ ଏହି ପଥରେ ରାଜ୍ୟ ଦ୍ରୁତ ଗତିରେ ଅଗ୍ରସର ହୋଇଛି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଶୁଭ ସଂଯୋଗର ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ଓଡିଶାରେ ସରକାର ଏକ ବର୍ଷ ପୂର୍ଣ୍ଣ କରୁଛି, ସେତେବେଳେ ଓଡିଶାର ଲୋକମାନେ ଭଗବାନ୍ ଶ୍ରୀଜଗନ୍ନାଥଙ୍କର ଭବ୍ୟ ରଥଯାତ୍ରା ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଶ୍ରୀ ମୋଦୀ କହିଥିଲେ ଯେ ମହାପ୍ରଭୁ ଜଗନ୍ନାଥ ଆମ ପାଇଁ କେବଳ ଆରାଧ୍ୟ ନୁହନ୍ତି ବରଂ ଆମ ପାଇଁ ପ୍ରେରଣାର ଉତ୍ସ ।

ସେ କହିଲେ ଯେ, ଭଗବାନଙ୍କ ଆଶୀର୍ବାଦରେ ଶ୍ରୀମନ୍ଦିର ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ (ପୃଷ୍ଠା ୭ରେ)

## ବର୍ଷକର ସଫଳତା ବଖାଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୬ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନ ଠାରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ ଜଣାଇ କହିଛନ୍ତି ଯେ ଆଜି ଓଡ଼ିଶାବାସୀଙ୍କ ପାଇଁ ଏକ ଗରିମାମୟ ଅବସର। ଏକ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ, ଓଡ଼ିଶାର ନୂତନ ସରକାର ଶପଥ ଗ୍ରହଣ କରିଥିଲା ଏବଂ ଏହି ସଫଳ ଏକ ବର୍ଷର ଯାତ୍ରା ପରେ, ଆଜି ଆପଣଙ୍କ ଉପସ୍ଥିତି ଆମ ସମସ୍ତଙ୍କ ମନୋବଳକୁ ବଢ଼ାଇଛି। ଆମ ସରକାର ଗଠନ ପରେ ଆପଣଙ୍କର ଏହା ଷଷ୍ଠ ଥର ଓଡ଼ିଶା ଆଗମନ। ଏହା ଆପଣଙ୍କର ଓଡ଼ିଶାପ୍ରତି ଭଲପାଇବା ଓ ଶୁଭେଚ୍ଛାର ପ୍ରତୀକ।

ମୁଖ୍ୟମନ୍ତ୍ରୀ କହିଥିଲେ କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ତା'ର ୧୧ ବର୍ଷର ଯାତ୍ରା ପୂର୍ଣ୍ଣ କଲା ଏବଂ ତୃତୀୟ ଅବଧିର ପ୍ରଥମ ବର୍ଷ ମଧ୍ୟ ପୂରା କରିଛି। ମୁଁ ଗର୍ବ ଓ ଗୌରବର ସହିତ କହିବାକୁ ଚାହୁଁଛି ଯେ ଦେଶ ଆପଣଙ୍କ ହାତରେ ସୁରକ୍ଷିତ ଅଛି। ଆପଣଙ୍କ ନେତୃତ୍ୱରେ ଆମର ସେନାବାହିନୀ, ଆତଙ୍କବାଦୀ ଓ ସେମାନଙ୍କ ପୃଷ୍ଠପୋଷକଙ୍କ ଅସ୍ତିତ୍ୱ ହଜେଇ ଦେଇଛନ୍ତି।'ଅପରେସନ ସିନ୍ଦୂର' (ପୃଷ୍ଠା ୭ରେ)

## ରାଷ୍ଟ୍ରପତିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି

ନୂଆଦିଲ୍ଲୀ : ୨୦।୬



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ୬୭ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉପରାଷ୍ଟ୍ରପତି ଜଗଦୀଶ ଧନଖଡ, କେନ୍ଦ୍ରମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ପ୍ରମୁଖ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ତାଙ୍କର ଜୀବନ ଓ ନେତୃତ୍ୱ ସମଗ୍ର ଦେଶର କୋଟି କୋଟି ଲୋକଙ୍କୁ ଅନୁପ୍ରେରିତ କରୁଛି। ସେ ଯେପରି ଭାବେ ସର୍ବସାଧାରଣଙ୍କ ସେବା, ସାମାଜିକ ନ୍ୟାୟ ଓ ସମାବେଶମୂଳକ ବିକାଶ ପ୍ରତି ଅତୁଟ ସମର୍ପିତ ରହିଛନ୍ତି, ତାହା ସମସ୍ତଙ୍କ ପାଇଁ ଆଶା ଓ ଶକ୍ତିର ପ୍ରତୀକ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ସର୍ବଦା ଦୁର୍ବଳ ଓ ବଞ୍ଚିତ ଲୋକମାନଙ୍କ ପାଇଁ କାମ କରିଛନ୍ତି। ଲୋକସେବାରେ ତାଙ୍କର ସୁଦୀର୍ଘ ଓ ସ୍ୱାସ୍ଥ୍ୟମୟ ଜୀବନ ପାଇଁ ଭଗବାନଙ୍କ ନିକଟରେ କାମନା କରୁଛନ୍ତି ପିଏମ ମୋଦି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସମ୍ମାନୀୟା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା । ଆପଣଙ୍କ ଜୀବନ ଆଦିବାସୀ ସମାଜ, ମହିଳା ଓ ବଞ୍ଚିତଙ୍କ ସଶକ୍ତିକରଣର ପ୍ରେରକ ଗାଥା । ଆପଣଙ୍କ ସରଳତା, କର୍ମଠତା ଓ ଦେଶହିତରେ ଦୃଢ଼ ପ୍ରତିବଦ୍ଧତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ ।

ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ରାଷ୍ଟ୍ରପତିଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଭାରତର ସମ୍ମାନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ। ଓଡ଼ିଶାର ଗର୍ବ ଏହି ଝିଅ, ଦୃଢ଼ତା ଓ ନିଷ୍ଠାର ପ୍ରତୀକ। ମୟୂରଭଞ୍ଜରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ଜନଜାତି କଲ୍ୟାଣ, ନାରୀ ସଶକ୍ତିକରଣ ଏବଂ ସମାବେଶୀୟ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଭାରତର ସତ୍ୟ ସ୍ୱରୂପକୁ ପ୍ରତିବିମ୍ବିତ କରେ। ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ, ସୁଖ-ସମୃଦ୍ଧି କାମନା କରୁଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ମାଟିର ମାତୃଶକ୍ତିର ପ୍ରତୀକ, ଆମର ଗର୍ବ ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କ ଜୀବନ ସଂଘର୍ଷ, ସମର୍ପଣ ଏବଂ ସଫଳତାର ଏକ ଅସାଧାରଣ ଉଦାହରଣ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ ସାଧାରଣ ଆଦିବାସୀ ପରିବାରରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ (ପୃଷ୍ଠା ୭ରେ)

## ସଡ଼କ ଦୁର୍ଘଟଣାରେ ୯ ମୃତ

ପୁରୁଲିଆ : ୨୦।୬

ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ବଳରାମପୁର ଥାନା ଅନ୍ତର୍ଗତ ନାମଶୋଲ୍ ଗାଁ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶୁକ୍ରବାର ସକାଳେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ନଅ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ଜାମସେଦପୁର-ପୁରୁଲିଆ ଜାତୀୟ ରାଜପଥ ୧୮ରେ ଘଟିଛି।

ପୋଲିସ ସୂଚନା ଅନୁଯାୟୀ, ବଳରାମପୁର ପଟୁ ଆସୁଥିବା ଏକ ଟ୍ରଲର୍ ଓ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଧକ୍କାରେ ଦୁଇଟି ଗାଡ଼ି ଓଲଟିପଡ଼ିଥିଲା। ସ୍ଥାନୀୟ ଲୋକମାନେ ଓ ବଳରାମପୁର ପୋଲିସ ମିଶି ବୋଲେରୋରେ ଥିବା ନଅ ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ବ୍ଲକ୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଡାକ୍ତରମାନେ ସମସ୍ତଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ସମସ୍ତ ମୃତକ ଝାଡଖଣ୍ଡର ନିମଡ଼ି ଅଞ୍ଚଳର ବାସିନ୍ଦା।

ପୋଲିସ ସୂଚନା ଅନୁସାରେ, ଦୁର୍ଘଟଣା ପରେ ଟ୍ରଲର୍ ଚାଳକ ଓ ଖଲାସି ଘଟଣାସ୍ଥଳରୁ ପଳାଇଯାଇଥିଲେ। ସେମାନଙ୍କ ତଲାସୀ ଜାରି ରହିଛି। ବୋଲେରୋରେ ଥିବା ଲୋକମାନେ ଝାରଖଣ୍ଡର ନିମଡ଼ି ଅଞ୍ଚଳରୁ ପୁରୁଲିଆକୁ ଏକ ବିବାହ ସମାରୋହରେ ସାମିଲ ହେବାକୁ ଆସିଥିଲେ। ସମାରୋହ ପରେ ସେମାନେ ନିମଡ଼ିକୁ ଫେରୁଥିଲେ।

## ଡାଇରିଆ ମୁକାବିଲା ପାଇଁ ସରକାରଙ୍କ ଜୋରଦାର ପ୍ରୟାସ

ଭୁବନେଶ୍ୱର, ୨୦।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଡାଇରିଆ ସଂକ୍ରମଣର ତ୍ୱରିତ ମୁକାବିଲା ପାଇଁ ସରକାରଙ୍କ ତରଫରୁ ଜୋରଦାର ପ୍ରୟାସ ଜାରି ରହିଛି । ସରକାର ତୃଣମୂଳ ସ୍ତରରୁ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆକ୍ସନ ମୋଡରେ କାର୍ଯ୍ୟ କରୁଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ମିଶନ ଶକ୍ତି ବିଭାଗ ଦ୍ୱାରା ସମନ୍ୱିତ ଭାବରେ ଏକାଭିମୁଖୀ ପ୍ରୟାସ ଚାଲିଛି । ଫଳରେ ରାଜ୍ୟରେ ଡାଇରିଆ ସ୍ଥିତିରେ ସୁଧାର ହୋଇ ସଂକ୍ରମଣ କମି ଚାଲିଛି ଓ ଆଜି କ୍ରମାଗତ ଦ୍ୱିତୀୟ ଦିନରେ ରୋଗୀ ସଂଖ୍ୟା ହ୍ରାସ ପାଇଛି। ଡାଇରିଆ ମୁକାବିଲା ପାଇଁ ଶୁକ୍ରବାର ମଧ୍ୟ ରାଜ୍ୟ ସରକାରଙ୍କର ଏକ ବିଶେଷଜ୍ଞ ଟିମ ଯାଜପୁର ଜିଲ୍ଲାରେ ଉପସ୍ଥିତ ରହି ସ୍ଥିତି ସମୀକ୍ଷା କରିଛନ୍ତି । କେନ୍ଦ୍ର ସରକାରଙ୍କ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ନିର୍ଦ୍ଦେଶକ, କେନ୍ଦ୍ରୀୟ ଟିମ ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ମଧ୍ୟରେ ଆଭାସି ଯୋଗେ ଏକ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହୋଇଛି । ଏହି ଆଲୋଚନାରେ ସଂକ୍ରମଣର ଉତ୍ସ, କାରଣ, ନିରାକରଣ ପ୍ରକ୍ରିୟା, ଚିକିତ୍ସା ପ୍ରୋଟୋକଲ ଓ ବିଶୋଧନ ପ୍ରକ୍ରିୟା ବିଷୟରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାରଙ୍କ ତ୍ୱରିତ ହସ୍ତକ୍ଷେପ ଓ ସମନ୍ୱିତ ଏକାଭିମୁଖୀ ଡାଇରିଆ ନିବାରଣ ପ୍ରକ୍ରିୟା ପ୍ରତି ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ସନ୍ତୋଷ ବ୍ୟକ୍ତ କରିଥିଲେ। ଡାଇରିଆ ଜନିତ ସୂଚନା- ଶିକ୍ଷା- ସଂଚାର ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ରାଜ୍ୟର ଡ଼ାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଡିସିପିଓ ଏବଂ ଡିଏସ୍‌ଡବ୍ଲ୍ୟୁଓ ମାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଜାରି ହୋଇଥିବା ଗାଇଡଲାଇନକୁ ଅନୁସରଣ କରି ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା ପାଇଁ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ସେହି ନିର୍ଦ୍ଦେଶନାମା ଅନୁସାରେ (ପୃଷ୍ଠା ୭ରେ)

## ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ

ଭୁବନେଶ୍ୱର, ୨୦।୬

ନ୍ୟୁଜ୍ ବ୍ୟୁରୋ



ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଶୁକ୍ରବାର ମୁମ୍ବାଇ ଯାଇଛନ୍ତି। ତାଙ୍କୁ ଦେଖିବା ପାଇଁ ବିମାନବନ୍ଦରଠାରେ ପ୍ରବଳ ଭିଡ଼ ଜମିଥିଲା। ତାଙ୍କ ପ୍ରଶଂସକ ତାଙ୍କ ଝଲକ ଟିକେ ପାଇବା ପାଇଁ ଯେମିତି ବ୍ୟାକୁଳ ହୋଇପଡିଥିଲେ ନବୀନ ମଧ୍ୟ ସେମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ।

ଏହା ପୂର୍ବରୁ ବିଜୁ ମହିଳା ଜନତା ଦଳର ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ, ରଞ୍ଜିତା ସାହୁ, ଲେଖାଶ୍ରୀ (ପୃଷ୍ଠା ୭ରେ)

## ପାକିସ୍ତାନକୁ ଇରାନର କଡ଼ା ଚେତାବନୀ

ତେହେରାନ, ୨୦।୬

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଇରାନ ପରୋକ୍ଷରେ ପାକିସ୍ତାନକୁ ଚେତାବନୀ ଦେଇଛି । ନୂଆଦିଲ୍ଲୀରେ ଇରାନ ଦୂତାବାସର ଡେପୁଟି ମିଶନ ମୁଖ୍ୟ ଜାଭେଦ ହୁସେନି ଶୁକ୍ରବାର କହିଛନ୍ତି ଯେ ଯଦି କୌଣସି ତୃତୀୟ ପକ୍ଷ ଏହି ସଂଘର୍ଷରେ ସାମିଲ ହୁଏ, ତେବେ ତାକୁ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ। ହ୍ୱାଇଟ ହାଉସରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ସାକ୍ଷାତ ଉପରେ ତାଙ୍କୁ ପ୍ରଶ୍ନ କରାଯିବା ସମୟରେ ଏହି ବିବୃତ୍ତି ଆସିଥିଲା। ହୁସେନି କହିଥିଲେ, ଆମେ ଚେତାବନୀ ଦେଉଛୁ ଯେ ଯଦି କୌଣସି ତୃତୀୟ ପକ୍ଷ ଏହି ଯୁଦ୍ଧରେ ସାମିଲ ହୁଏ, ତେବେ ଏହାର ଗମ୍ଭୀର ପରିଣାମ ହେବ। ଇରାନୀ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ (ପୃଷ୍ଠା ୭ରେ)

## ରାଜ୍ୟରେ ଖୋଲିଲା ସ୍କୁଲ, ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୦।୬

ନ୍ୟୁଜ୍ ବ୍ୟୁରୋ

ସରିଲା ଖରାଛୁଟି, ଶୁକ୍ରବାର ରାଜ୍ୟରେ ଖୋଲିଲା ସ୍କୁଲ୍ । ପ୍ରଥମ କରି ସ୍କୁଲ ଯାଇଥିଲେ ଛାତ୍ରଛାତ୍ରୀ । ତେବେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସ୍କୁଲ କ୍ୟାମ୍ପସ୍‌ରେ ସ୍ୱଚ୍ଛତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଝାଡ଼ାବାନ୍ତି ଯୋଗୁଁ ଯାଜପୁର, ଭଦ୍ରକ ଜିଲ୍ଲାରେ ସ୍କୁଲ୍ ଛୁଟି ରହିଛି । ଏହି ଦୁଇ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତିକୁ ନଜରରେ ରଖି ସବୁ



ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ଭଦ୍ରକରେ ୨୧ ତାରିଖ ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସ୍କୁଲ୍ ଓ କଲେଜ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଶୁକ୍ରବାର ଟ୍ୱିନ୍ ସିଟିରେ ସ୍କୁଲ୍ ବନ୍ଦ ରହିଥିଲା । ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସ୍ତରୀୟ ସମାବେଶ ହେବାକୁ (ପୃଷ୍ଠା ୭ରେ)

## ଏନକାଉଣ୍ଟରରେ ୨ ନକ୍ସଲ ମୃତ

ମାଲକାନଗିରି, ୨୦।୬

ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କଂକେର ଜିଲ୍ଲାର ଛୋଟାବେଠିଆ ଅଞ୍ଚଳରେ ଶୁକ୍ରବାର ସକାଳେ ପୁଲିସ ଏବଂ ଯବାନଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ପ୍ରାୟ ଅଧ ଘଣ୍ଟା ଧରି ହୋଇଥିବା ଗୁଳିବିନିମୟ ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଘଟଣା (ପୃଷ୍ଠା ୭ରେ)

## ଏକାଳ ପଖାଳ




ନୂଆ ଟୋକାଗୁଡା ବାଡେଇ ବାଡେଇ
ଇଂଲଣ୍ଡକୁ କଲେଣି ନାଲି
ବେନ୍ ଷ୍ଟୋକ୍ସଙ୍କ ମୁଣ୍ଡ ଘୁରିଯାଏ
ପାରୁ ନାହିଁ ଆଉ ଚାଲି
ଯାହାକୁ ଭାବୁଥିଲେ ଡବା ଖାଲି
ସେଇ ଗୁଡା ଚୌକା ଛକ୍କା ମାରି ମାରି
ଟେଷ୍ଟକୁ ଦେଲେ ଛାଲି।

## ଭାରତରେ ଖୁବ୍ ଶୀଘ୍ର ଲାଗୁ ହେବ ନୂଆ ସମୟ ପ୍ରଣାଳୀ



ନୂଆଦିଲ୍ଲୀ, ୨୦।୬

ପୂରା ଦେଶକୁ ଏକ ସମାନ, ସଠିକ ଓ ସୁରକ୍ଷିତ ସମୟ ଦେବା ଲାଗି କେନ୍ଦ୍ର ସରକାର ଏକ ରାଷ୍ଟ୍ର ଏକ ସମୟ (ୱାନ ନେସନ ୱାନ ଟାଇମ) ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଜାତୀୟ ସ୍ତରରେ ଏକ ଷ୍ଟାଣ୍ଡାର୍ଡ ଟାଇମ ଲାଗି ସରକାର ସବୁ ଅଧିକାରୀକ ଓ କମର୍ସିଆଲ ପ୍ଲାଟଫର୍ମରେ ଭାରତୀୟ ଷ୍ଟାଣ୍ଡାର୍ଡ ଟାଇମ ଉପଯୋଗକୁ ଅନିବାର୍ଯ୍ୟ କରିବା ପାଇଁ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି। ଏହା ଲାଗୁ ହେବା ପ୍ରକ୍ରିୟାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ।

ଉଲ୍ଲେଖଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ଭାରତର ସମୟ ଡାଟା ଆମେରିକା ଓ ଅନ୍ୟ ଦେଶଙ୍କ ସାଟେଲାଇଟ ପ୍ରଣାଳୀ ଉପରେ ନିର୍ଭରଶୀଳ। ନୂଆଦିଲ୍ଲୀରେ ସମୟ ପ୍ରସାର ଉପରେ ଆୟୋଜିତ ସମ୍ମିଳନୀରେ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ଯେ ଭାରତୀୟ ଷ୍ଟାଣ୍ଡାର୍ଡ ଟାଇମକୁ ଦେଶର ଆଇନ, ପ୍ରଶାସନିକ ଏବଂ ବାଣିଜ୍ୟିକ କାର୍ଯ୍ୟ ନିମନ୍ତେ ଏକମାତ୍ର ଅଧିକାରୀକ ସମୟ ତିଆରି କରାଯିବ । ଖୁବ ଶୀଘ୍ର ଭାରତୀୟ ଷ୍ଟାଣ୍ଡାର୍ଡ ଟାଇମ ନିୟମ-୨୦୨୫ ଲାଗୁ କରାଯିବ। ଏହା ପରେ ଅନ୍ୟ ସମୟ ପ୍ରଣାଳୀର ଆଉ ଉପଯୋଗ ହେବ ନାହିଁ ।

ମନ୍ତ୍ରୀ କହିଛନ୍ତି ଯେ ନୂଆ ସମୟ ପ୍ରଣାଳୀ ଯୋଗୁ (ପୃଷ୍ଠା ୭ରେ)

## ୨୭ ଯାଏଁ ରାଜ୍ୟରେ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଅଧିକାଂଶ ସ୍ଥାନରେ ଗତ କିଛିଦିନ ଧରି ବର୍ଷା ଜାରି ରହିଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ସୁନ୍ଦରଗଡ଼ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହ ବିଜୁଳି ଭୟ ରହିଛି । ଏଥିସହ ଏସବୁ ଜିଲ୍ଲାରେ ଘଣ୍ଟାପ୍ରତି (ପୃଷ୍ଠା ୭ରେ)



# ସରକାରଙ୍କ ବିକାଶ ପଥର କାହାଣୀ କହେ 'ବିକାଶ ବାହକ'

**ଭବାନୀପାଟଣା, ନ୍ୟୁଜ୍ ବ୍ୟୁରୋ**

ଭବାନୀପାଟଣା ବ୍ଲକର ଗୁରଜୁଙ୍ଗ ପଞ୍ଚାୟତରେ ବିକାଶ ବାହକ ରଥ, ଏହି ରଥ ଗାଡି ପଞ୍ଚାୟତରେ ପହଞ୍ଚିବା କ୍ଷଣି ପଞ୍ଚାୟତର ସରପଞ୍ଚ ସୁଷମା ସାହୁ ଅଙ୍ଗନବାଡି କର୍ମୀ, ଅଶୋକା ମଞ୍ଜରୀ ନାଏକ, ସଂଯୁକ୍ତା ତାଣ୍ଡି, ସାଧବୀ ଯୁଆଡ, ଜୟନ୍ତୀ ବେହେରା ସମେତ ଏମ ବିକେ ଲବଣି ସାହୁ, ଭାଗ୍ୟବତୀ ହରପାଳ ପ୍ରମୁଖ ଆଶାକର୍ମୀ ସିଆର୍‌ପି, ୱାର୍ଡ ମେମ୍ବର ତଥା ପିଇଓ ଅଭିମନ୍ୟୁ ନାଏକ ଓ ପଞ୍ଚାୟତ କର୍ମକର୍ତ୍ତା, କୃଷି ବିଭାଗରୁ ଦିଲ୍ଲୀପ ମାଝୀ ଉପସ୍ଥିତ ରହି ବିକାଶ ବାହକ ରଥ ଗାଡିକୁ ପୂର୍ଣ୍ଣ କଳସ ସ୍ଥାପନ କରି ବନ୍ଦାପନା କରିଥିଲେ । ମହିଳା ମାନଙ୍କ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା । ଏହାପରେ ପ୍ରଧାନମନ୍ତ୍ରୀଙ୍କ ଭାଷଣରୁ ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ଉପଲବ୍ଧି ଅନେକ, ବିକାଶ ବିବରଣୀ ସହ ଓଡ଼ିଶାକୁ ବିକାଶ କରିବାକୁ କେନ୍ଦ୍ର ସରକାର ସବୁବେଳେ ସାଙ୍ଗରେ ଥିବା ପ୍ରକାଶ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଓଡ଼ିଶା ବିକାଶର ବିଭିନ୍ନ ଯୋଜନା ଅନୁସୂଚିତ ଜନଜାତିର ବିକାଶ, ସମୃଦ୍ଧ ଓଡ଼ିଶା ଯୋଜନା, ପୁରୀ ଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଖୋଲିବା, କରପାସ ପାଣ୍ଠି ୫୦୦ କୋଟି, ଓଡ଼ିଆ ଅସ୍ମିତା, ମହିଳା ସଶକ୍ତିକରଣ ଯୋଜନା, ସମୃଦ୍ଧି ଗ୍ରାମୀଣ, କୃଷକଙ୍କୁ ଧାନର ମୂଲ୍ୟ ୩୧୦୦/-ଟଙ୍କା ବୃଦ୍ଧି, ଖାଦ୍ୟ ଯୋଜନା, ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ, ମମତା ଯୋଜନାରେ ୧୨ ହଜାର ଝିଅ ଜନ୍ମ କଲେ ଓ ୧୦ ହଜାର ଟଙ୍କା ପୁଅ ଜନ୍ମ କଲେ ମିଳିବ । ରାସ୍ତା ସଂଯୋଗୀକରଣ, ଅନ୍ତୋଦୟ ଗୃହ ଯୋଜନା, ଇତ୍ୟାଦି ସାମାଜିକ ସୁରକ୍ଷା ପ୍ରମୁଖ ଓଡ଼ିଶା ବିକାଶ ପ୍ରମୁଖ ବିକାଶ କାର୍ଯ୍ୟକ୍ରମକୁ ଲୋକଲୋଚନକୁ, ସାଧାରଣ ଜଣକୁ ସୂଚାଇ ଦିଆଯାଇଥିଲା । ଲୋକମାନେ ସମସ୍ତେ ଆନନ୍ଦିତ ହୋଇ ଏହି ବିକାଶ କାର୍ଯ୍ୟକ୍ରମକୁ ଅବଲୋକନ କରିବାକୁ ସହ ପଞ୍ଚାୟତର ବିଭିନ୍ନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ବଣ୍ଟନ କରିବାସହ କର୍ଲା ପିଟା ଗ୍ରାମର ଭିନ୍ନକ୍ଷମ କୁମୁଦିନୀ ସାହୁଙ୍କ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା । ବିକାଶର ପ୍ରଚାର ପେପର ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା ।

# ଜାତୀୟ ପତାକା ପ୍ରତି ଅସମ୍ମାନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାତୀୟ ପତାକା ଦୋକାନ ସମ୍ମୁଖରେ, ଘର ସମ୍ମୁଖରେ, ଶିକ୍ଷାନୁଷ୍ଠାନ ମାନଙ୍କରେ ଶ୍ରଦ୍ଧାର ସହ ଉଡେଇବା ଦେଖିବାକୁ ମିଳିଥାଏ । କିନ୍ତୁ ପରିତାପର ବିଷୟ ପତାକା ଗୁଡିକ କିଛି ଦିନ ପରେ ଚିରା ଅବସ୍ଥାରେ ଝୁଲିବା, ଛିଣ୍ଡି ରାସ୍ତାଘାଟ, ନାଳନର୍ଦ୍ଦମାରେ ପଡିଥିବାର ଅନେକ ନଜିର ଅଛି । କିନ୍ତୁ ପ୍ରଶାସନ ଚୁପ୍, ଜନସାଧାରଣ ଚୁପ୍, ବୁଦ୍ଧି ଜୀବି ଚୁପ୍ ଏପରିକି ସମାଜସେବୀ ମଧ୍ୟ ଚୁପ୍ । ସେହିପରି ଏକ ନଜିର ମାଲକାନଗିରି ଆଦର୍ଶ ପୋଲିସ ଥାନା ସମ୍ମୁଖରେ ଥିବା ଏକ ସାର ଦୋକାନରେ ଅବ୍ୟବସ୍ଥିତ ଭାବେ ଜାତୀୟ ପତାକା ଦେଖି ଉକ୍ତ ଦୋକାନର ହିସାବ ରକ୍ଷକକୁ ସ୍ଥାନୀୟ ଜଣେ ଯୁବକ ପତାକା ସଜାଡ଼ିବାକୁ କହିଥିଲେ, କିନ୍ତୁ କିଛି ସୁଫଳ ମିଳିନଥିଲା । ଉକ୍ତ ସ୍ଥାନକୁ ପ୍ରତି ଦିନ ଶହଶହ ଲୋକ ଆସିଥାନ୍ତି । କିନ୍ତୁ କେହି ଏଥିପ୍ରତି ଧ୍ୟାନ ଦିଅନ୍ତିନାହିଁ । ସରକାର, ପ୍ରଶାସନ ଏଥିପ୍ରତି ଦୃଢ ପଦକ୍ଷେପ ନେବା ସହ ସଂସ୍କୃତି ଅଧିକାରୀ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀଦାବି କରିଛନ୍ତି ।

# ରାସ୍ତାରେ ଗୃହ ନିର୍ମାଣକୁ ବିରୋଧ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ମାର୍ଶାଘାଇ ଥାନା ଅନ୍ତର୍ଗତ କୁସୁନପୁର ଗ୍ରାମର ଯାତାୟାତ ରାସ୍ତା ଉପରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜୋର ଜବରଦସ୍ତ ରାସ୍ତାକୁ ମାଡି ଘର କରୁଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗ୍ରାମବସୀମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଗ୍ରାମକୁ ସ୍ଥାୟୀ ରାସ୍ତା ନଥିବା ଏବଂ ଜଳ ନିଷ୍କାସନ ହୋଇପାରୁନାହିଁ । ଏହି ରସ୍ତା ଉପରେ ଗୃହ ନିର୍ମାଣ ହେଲେ ଯାତାୟାତର ଅସୁବିଧା ହେବା ସହ ସ୍କୁଲ ଗାଡି, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀ ଗାଡି ସଂପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ । ତେଣୁ ଜୋର୍ ଜବରଦସ୍ତ ଗୃହ ନିର୍ମାଣକୁ ବନ୍ଦ କରିବା ସହିତ ସ୍ଥାୟୀ ରାସ୍ତା ଓ ଜଳ ନିଷ୍କାସନ ବାଟ କରିବା ପାଇଁ ଭାନୁଶ୍ରୀ ନାୟକ, ଲକ୍ଷ୍ମୀପ୍ରିୟା ନାୟକ ଓ ଅନ୍ୟ ଗ୍ରାମବସୀ ମାନେ ଦାବି କରିଛନ୍ତି ।

# ଗ୍ରାମାଞ୍ଚଳ ଲୋକମାନଙ୍କୁ ସଶକ୍ତ କରିବା ଉପରେ ଓର୍‌ମାସ୍‌ର ଗୁରୁତ୍ୱ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବାଲିଯାତ୍ରା ପଡିଆରେ ଚାଲିଥିବା ବିକାଶ ମେଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ ପ୍ରଦାନ ପୂର୍ବକ ଓର୍‌ମାସ୍ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ବିଶେଷକରି କୃଷି ସଂସାଧନ କେନ୍ଦ୍ର, କୃଷକ ଉତ୍ପାଦକ ସଂଘ ଏବଂ ଗ୍ରାମୀଣ ଶିଳ୍ପ ପାର୍କ (ଆର୍‌ଆଇପିସି)ର ପ୍ରମୁଖ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଭଦ୍ରା ଦାଶ ଗ୍ରାମାଞ୍ଚଳର ଚାଷୀମାନଙ୍କ ଉତ୍ପାଦକୁ ବଜାର ଯୋଗାଇ ଦେବାରେ ଓର୍‌ମାସ୍‌ର ଭୂମିକାର ପ୍ରଶଂସା କରିଥିଲେ । ଓର୍‌ମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ଏକ ସାଧାରଣ ପ୍ଲାଟ୍‌ଫର୍ମ ଅଧୀନରେ ଏକତ୍ରୀତ କରିବାରେ FPO ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ଗୁଣାତ୍ମକ ବିହନ, ବୈଷୟିକ ସହାୟତା, ବଜାର ସଂଯୋଗ ଏବଂ ସହଭାଗୀତା ମାଧ୍ୟମରେ ସେମାନଙ୍କୁ ସଶକ୍ତ କରିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ବନ୍ଦନା ଖଟୁଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କୃଷକ ମାନଙ୍କ ଉତ୍ପାଦକୁ କିଭଳି ଉଚିତ ମୂଲ୍ୟ ମିଳିପାରିବ, ଉତ୍ପାଦ ପ୍ରସ୍ତୁତି ନିମନ୍ତେ ସହାୟତା ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଥମ ଅଧିବେଶନରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କଟକ ତଥା ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟି ମିଳିତ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ସୁଲଭ ବାସଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏବଂ 'ସହଯୋଗ ଏକ ଆରମ୍ଭ' ଯୋଜନା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା, କଟକ ସୁଭଦ୍ରା ଦାସ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ-ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କଟକ ପ୍ରଶାନ୍ତ କୁମାର ନାୟକ, ମୁଖ୍ୟ ନିର୍ବାହୀ ଅଧିକାରୀ ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟି ବିପିନ କୁମାର ରାଉତ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଟକ ବନ୍ଦନା ଖଟୁଆ, ଉପ ନିର୍ବାହୀ ଅଧିକାରୀ ଓଡ଼ିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟି ସୋନାଲି ମଜୁମଦାର, ରାଜ୍ୟ ମୁଖ୍ୟ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଶିଶିର ଦାସ, ନିର୍ବାହୀ ଅଧିକାରୀ ଚୌଦ୍ୱାର ପୌରପାଳିକା ସୌମ୍ୟ ରଞ୍ଜନ ମିଶ୍ର, ଅର୍ଥ ବିଶେଷଜ୍ଞ ଓଡ଼ିଶା ସହରାଞ୍ଚଳ ଗୃହ ମିଶନ ସଂଜୀବ କୁମାର ପଣ୍ଡା, ସହକାରୀ ଆୟୁକ୍ତ, କଟକ ମହାନଗର ନିଗମ ଶୁଶ୍ରୀ ସ୍ୱାତି ମିଶ୍ର, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଆଲୋଚନାଚକ୍ରରେ ସଂପୃକ୍ତ ଯୋଜନାରେ ଯେଉଁ ଯେଉଁ ହିତାଧିକାରୀମାନେ ଲାଭବାନ ହୋଇଛନ୍ତି, ସେମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଗୃହ ଉନ୍ନୟନ ଓ ସହରାଞ୍ଚଳ ବିଭାଗ ତରଫରୁ ଅଧିକାରୀମାନେ ଯୋଜନା ଗୁଡିକ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିଥିଲେ ।

# ଉଦ୍‌ଯାପିତ ହେଲା ନେମାଳ ବାଲିମେଳା ମହୋତ୍ସବ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**



ଯୁଗେ ଯୁଗେ ମାଳିକାର ସ୍ରଷ୍ଟା ଭାବେ ମହାପୁରୁଷ ଅଚ୍ୟୁତାନନ୍ଦ ସୁବିଦିତ, ଯଦିଓ ଏହା ତାଙ୍କର ଏକମାତ୍ର ପରିଚୟ ନୁହେଁ । ଜଣେ ସିଦ୍ଧ ପୁରୁଷ ଓ ମହାନ ସନ୍ଥ ଭାବରେ ଓଡ଼ିଆ ଜାତିରେ ଜନ୍ମଗ୍ରହଣ କରି ସେ ଏ ଜାତିକୁ ଧନ୍ୟ କରିଛନ୍ତି । ସେହି ମହାନ ପୁରୁଷଙ୍କ କୃତିତ୍ୱ ଓ ତାଙ୍କର ସାଧନାପୀଠ ନେମାଳରେ ଦେବସ୍ନାନ ଯାତ୍ରା ଓ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ଉପଲକ୍ଷେ ଆୟୋଜିତ ବାଲିମେଳା ମହୋତ୍ସବର ଉଦ୍‌ଯାପନୀ ପର୍ବ ଅବସରରେ ଉପସ୍ଥିତ ବହୁ ସାଧୁସନ୍ଥ ମତବ୍ୟକ୍ତ କରିଛନ୍ତି । ବାଲିମେଳା ମହୋତ୍ସବ କମିଟି ଅଧ୍ୟକ୍ଷ ସାମ୍ବାଦିକ ଡଃ ବିନୟ କୁମାର ଦାସଙ୍କ ସଭାପତିତ୍ୱ ଏବଂ ପ୍ରେସ୍ କ୍ଲବର ସଭାପତି କ୍ଷମାନିଧି ପୁଝାରୀଙ୍କ ସଂଯୋଜନାରେ ଆୟୋଜିତ କର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବ୍ରହ୍ମଅଭଦୂତ ସୁକାନ୍ତଦାସଜୀ ମହାରାଜ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଗୋଲଖ ପରିଡା ଯୋଗଦେଇଥିଲେ । ବରେନ୍ୟ ଅତିଥି ଭାବେ ହରି ଓଁ ବାବା, ବାବା ବଂଶୀଧର, ମହନ୍ତ ଅନ୍ତରାମ ଦାସ, ବାବାଜି ବିଶ୍ୱନାଥ ଦାସ, ଅଶୋକ ବାବା, ଡଃ ପ୍ରସନ୍ନ ଦାସ, ଶୁକାନନ୍ଦ ଗିରି. ସ୍ୱମୀ ବିଷ୍ଣୁଗିରି ମହାରାଜ, ବାବା ରେବତି ରମଣ ଦାସ, ଭାବନାନନ୍ଦ ଦାସ କାହ୍ନା ବାବା ପ୍ରମୁଖ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ରତ୍ନାକର ବାରିକ, ସାମ୍ବାଦିକ ଅଭୟ ଜେନା, ସୁଜାତା ଗୋସ୍ୱାମୀ, ସମାଜସେବୀ କେଶବ ଚନ୍ଦ୍ର ଦଳାଇ, ଉପସଭାପତି ସାମ୍ବାଦିକ ଗୋବିନ୍ଦ ଦାସ, ସଂସ୍କୃତିକ ସଂଯୋଜକ ସାମ୍ବାଦିକ ମିନକେତନ ଦାସ, ସହ ସମ୍ପାଦକ ସାମ୍ବାଦିକ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ସାମ୍ବାଦିକ ଜାନକିବଲ୍ଲଭ ମହାନ୍ତି, ସାମ୍ବାଦିକ କିରଣ ଶଂକର ନାୟକ, ସାମ୍ବାଦିକ ଇଜାଜ ଖାଁନ, ସାମ୍ବାଦିକ ପ୍ରମୋଦ ଦାସ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ବାଲିଯାତ୍ରା ମହୋତ୍ସବ ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିଥିବା ହ୍ୟାଣ୍ଡିକ୍ରାଫ୍ଟ, ଓର୍‌ମାସ୍‌ର ସମସ୍ତ ବ୍ୟବସାୟୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ବେଳେ ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ବରିଷ୍ଠ ସେବାୟତ ଧରଣିଧର ପୂଝାରୀ, ଶଶୀକାନ୍ତ ପୂଝାରୀ ଓ ପ୍ରଶାନ୍ତ କୁମାର ପୂଝାରୀଙ୍କ ସଂଯୋଜନାରେ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ସମୟରୁ ଭାଇଚାରା ସମ୍ପର୍କ ସୃଷ୍ଟି ହୋଇଥିବା ଶଖା ଅଚ୍ୟୁତି ଖାଁଙ୍କ ସମ୍ପର୍କକୁ ନିବିଡ କରିବା ପାଇଁ ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ବାଲି ମହୋତ୍ସବର ପ୍ରଥମ ବାଲଭୋଗ ଅର୍ପଣ କରାଯାଇ ସମ୍ପର୍କକୁ ଅହୁରି ସୁଦୃଢ କରିବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରୋତ୍ପଳା ନଦୀତଟରେ ରାହାସ କିର୍ତ୍ତନ, ଭଜନଜଣାଣ ଓ ମହାପୁରୁଷଙ୍କ ତତ୍ୱ ଆଲୋଚନା ଚକ୍ରରେ ସମଗ୍ର ପରିବେଷ ଉତ୍ସବ ମୁଖର ହୋଇପଡିଥିବା ବେଳେ ଓଡ଼ିଶା କୋଣ ଅନୁକୋଣରୁ ଆସିଥିବା ଅଚ୍ୟୁତ ପ୍ରେମି ଶ୍ରଦ୍ଧାଳୁ ମାନେ ରହି ଭକ୍ତ ଓ ଭଗବାନଙ୍କର ଦୁର୍ଲ୍ଲଭ ମିଳନ ଏବଂ ହିନ୍ଦୁ ଓ ମୁସଲମାନଙ୍କର ନିଆରା ଭାଇଚାରା ସମ୍ପର୍କକୁ ଅନୁଭବ କରୁଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ବଜାର ବ୍ୟବସାୟୀ ସଂଘ, ସେବାୟତ ସଂଘଙ୍କ ସମେତ ବହୁ ଅନଷ୍ଠାନ, ଅଚ୍ୟୁତ ପ୍ରେମୀ, ଲୋକପ୍ରତିନିଧି,ସାହିତ୍ୟିକ ଓ ସମାଜ ସଂସ୍କାରକ ମାନେ ଯୋଗ ଦେଇଥିବା ବେଳେ ହରପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ବିପି ଓ ରେଜିଷ୍ଟର ମେଣ୍ଟେନାନ୍ସ କରୁଛନ୍ତି ସୁଇପର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁଣି ଏକ ବିକଳ ଦୃଶ୍ୟ ସାମନାକୁ ଆସିଛି । ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ସ୍ୱିପର ରୋଗୀମାନଙ୍କ ବିପି ଚେକ୍ କରି ରେଜିଷ୍ଟର୍‌ରେ ଏଣ୍ଟ୍ରି କରିବା ସହ ପ୍ରେସ୍‌କ୍ରିପ୍‌ସନ୍‌ରେ ବିପି କେତେ ଅଛି ତାହା ଯାଞ୍ଚ କରି ଲେଖୁଥିବା ଭଳି ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଛି । ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତର, ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଡାଟା ଏଣ୍ଟ୍ରି, ଜଣେ ନର୍ସ, ଦୁଇ ଜଣ ଡେପୁଟେସନ୍ ନର୍ସ, ଜଣେ ଏଲ୍‌ଟି ଥିବା ସତ୍ତ୍ୱେ କିଭଳି ଜଣେ ସ୍ୱିପର ରୋଗୀଙ୍କ ବିପି ଯାଞ୍ଚ କରୁଛି ତାହା ଚର୍ଚ୍ଚାର ବିଷୟ ପାଲଟିଛି । ସବୁଠୁ ବଡ କଥା ହେଲା ଯେ ଉକ୍ତ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ୩ ଜଣ ନର୍ସ ଉପସ୍ଥିତ ଥିବା ସତ୍ତ୍ୱେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଯାହାକି ସାଧାରଣ ରୋଗୀଙ୍କ ପାଇଁ ବିପଦର ଆଶଙ୍କା । ହେଲେ ସବୁଠୁ ବଡ କଥା ହେଲା ଯେ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ରର ଏଭଳି ଅବସ୍ଥା ଉଚ୍ଚ କର୍ତ୍ତୃପକ୍ଷ ଜାଣୁଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ଘଟଣାକୁ ଏଡାଇ ଦେବା ବୁଦ୍ଧିଜୀବୀ ମହଲରେ ଭ୍ରୂକୁଂଚିତ କରାଇଛି । ଏ ସମ୍ପର୍କରେ ଜମନକିରା ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଫାର୍ମାସିଷ୍ଟ ସୁବୋଧ ଆଚାର୍ଯ୍ୟଙ୍କୁ ପଚାରିବାରୁ କୌଣସି କାରଣରୁ ସେ ଗୋଟିଏ ରୋଗୀଙ୍କୁ ଦେଖି ଦେଇଥିବ, ତେବେ ଏମିତି ତ ହେବା କଥା ନୁହଁ ବୋଲି ସଫେଇ ଦେଇଛନ୍ତି । ଆମ ପାଖରେ ଡିଜିଟାଲ୍ ମେସିନ୍ ଅଛି ଏପରି ମେସିନ୍ ପ୍ରାୟ ସମସ୍ତଙ୍କ ଘରେ ଅଛି । ସାଧାରଣ ଲୋକ ମଧ୍ୟ ଏହି ମେସିନ୍‌ରେ ସହଜରେ ବିପି ଯାଞ୍ଚ କରିପାରିବେ ଏବଂ ସେ ପ୍ରେସ୍‌କ୍ରିପ୍‌ସନ୍ ପେପର କିଛି ଲେଖିନାହିଁ, ଛୋଟିଆ କାଗଜରେ ଲେଖିଛି ବୋଲି ନିଜ ପ୍ରତିକ୍ରିୟାରେ ଅତି ଖାମଖିଆଲି ଉତ୍ତର ଦେଇ ନିଜ ବ୍ୟସ୍ତତାକୁ ଫେରିଯାଇଥିଲେ । ତେବେ ଏହି ଡାକ୍ତରଖାନାର ବାସ୍ତବ ରୂପରେଖ କ'ଣ ରହିଛି ତାହା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି ସଚେତନ ମହଲ ଦାବି କରିଛନ୍ତି ।

# ବରିଷ୍ଠ ନାଗରିକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅବହେଳା ରୋକିବା ପାଇଁ ପଦକ୍ଷେପ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ଆଇନ୍‌ସେବା ପ୍ରାଧିକରଣ, ନୂଆଦିଲ୍ଲୀଙ୍କ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଏବଂ ଅବହେଳା ସମ୍ପର୍କିତ ସଚେତନତା ଶିବିର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂସ୍କୃତି ବିଭାଗ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ମୋଜାହିଦ୍ ଅଖତାର ଖାନ, ଏଲ.ଏ.ଡି.ସି.ଏସ.ର କର୍ମୀ, ଭଦ୍ରକ, ସୁବାଷ ଚନ୍ଦ୍ର ନାୟକ, ଭାରପ୍ରାପ୍ତ, ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ସଭାପତି, କୈଳାସ ଚନ୍ଦ୍ର ମହାପାତ୍ର, ସଂପାଦକ, ପଦ୍ମନ କୁମାର ରାୟ, ଉପସଭାପତି, ବରିଷ୍ଠ ନାଗରିକ ମହାସଂଘ, ଭଦ୍ରକ ପ୍ରମୁଖ ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଥିବା ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ସେମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜାତୀୟ ଆଇନ୍ ସେବା ୧୫୧୦୦ (ଦେୟମୁକ୍ତ) ସହାୟତା ନମ୍ବର ଜରିଆରେ ମଧ୍ୟ ସହାୟତା ପାଇଁ ଜଣାଇ ଦିଆଯାଇଥିଲା । ସମସ୍ତ ଅତିଥିବୃନ୍ଦ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ପାଇଁ ଥିବା ଆଇନ୍ ସମ୍ପର୍କରେ ସଚେତନ କରାଇଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜର ବୟୋବୃଦ୍ଧ ପିତାମାତାଙ୍କୁ ଅବହେଳା ନକରି ସେମାନଙ୍କୁ ଉଚିତ୍ ସମ୍ମାନ ଦିଅନ୍ତୁ ଏବଂ ପରିଣତ ବୟସରେ ସେମାନଙ୍କର ଦାୟିତ୍ୱ ଏବଂ ଯତ୍ନ ନିଅନ୍ତୁ ଯଦ୍ୱାରା ବରିଷ୍ଠ ବ୍ୟକ୍ତିଟିଏ ନିଜକୁ ଆଉ ଅସହାୟ ଭାବିବ ନାହିଁ । ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ନିମିତ୍ତ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡାକ୍ତର ମାନଙ୍କ ସହଯୋଗରେ ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପରୀକ୍ଷା କରାଯାଇଥିଲା ତଥା ବୟୋବୃଦ୍ଧ ଏବଂ ବୃଦ୍ଧାମାନେ ଏବେ କିପରି ଖାଦ୍ୟ ଖାଇବା, ବ୍ୟାୟାମ କରିବା ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ଉପଦେଶ ଦିଆଯାଇ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରି ଆଗେଇ ନେଇଥିଲେ ।



# କେନ୍ଦ୍ରାପଡ଼ାରେ 'ଷ୍ଟପ୍ ଡାଇରିଆ' କ୍ୟାମ୍ପେନ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ.ଆର.ଏସ୍ କର୍ଣ୍ଣର ଠାରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରଶନ ନାୟକ 'ଷ୍ଟପ ଡାଇରିଆ' କ୍ୟାମ୍ପେନ ୨୦୨୫କୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନୃପେନ୍ଦ୍ର କୁମାର ଶତପଥି, ଏ.ଡି.ଏମ.ଓ ମେଡିକାଲ ଡାକ୍ତର କିଶୋର ଚନ୍ଦ୍ର ମିଶ୍ର, ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ, ହସ୍ପିଟାଲ ମ୍ୟାନେଜର ପ୍ରଭାତ କୁମାର ନାୟକ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭକାନ୍ତ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ଘାଟନୀ ସମୟରେ ବିଧାୟକ ଷ୍ଟପ୍ ଡାଇରିଆ କ୍ୟାମ୍ପେନର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବୁଝିଥିଲେ । ଏହି ଷ୍ଟପ୍ ଡାଇରିଆ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଆଶାକର୍ମୀ ମାନେ ଘରକୁ ଘର ଯାଇ ଓ.ଆର.ଏସ୍ ଏବଂ ଜିଙ୍କ ବଟିକା ପ୍ରଦାନ କରିବେ । ସେହିପରି ମହିଳା ସ୍ୱାସ୍ଥ୍ୟ କର୍ମୀ ଓ କମ୍ୟୁନିଟି ହେଲ୍‌ଥ ଅଫିସରମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାଇରିଆ କେସ୍‌କୁ ପରିଚାଳନା କରିବେ । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ, ସବ୍ ଡିଭିଜନାଲ୍ ହସ୍ପିଟାଲ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଡାଇରିଆର ପରିଚାଳନା କରିବେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଜିଲ୍ଲାସ୍ତରରୁ ତଦାରଖ କରାଯିବ ।



# ସରକାରୀ ଯୋଜନାର ସୁଫଳ ଜନତାଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସ୍ତରୀୟ ବିକାଶ ମେଳାର ଚତୁର୍ଥ ସନ୍ଧ୍ୟାରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗ, ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଓ ଏଲ୍.ଡି.ଏମ୍ ବିଭାଗ ପକ୍ଷରୁ କର୍ମଶାଳା ଆୟୋଜିତ ହୋଇଥିଲା । ସଭାରେ ଅଧ୍ୟକ୍ଷତା କରି ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ସେଠୀ ସରକାରଙ୍କ ଯୋଜନାକୁ ଲୋକାଭିମୁଖୀ କରି ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସଚେତନତାର ଆବଶ୍ୟକ ରହିଛି ବୋଲି କହିବା ସହ ସରକାର ପକ୍ଷରୁ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଆଲୋଚନା କରିଥିଲେ । ସହକାରୀ ନିର୍ଦ୍ଦେଶକ ମୃର୍ତ୍ତିକା ସଂରକ୍ଷଣ ଦିପ୍ତି ରଞ୍ଜନ ମୃର୍ତ୍ତିକା ସଂରକ୍ଷଣ ବିଭାଗର ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକାରିତା ସଂପର୍କରେ ଆଲୋକପାତ କରିଥିଲେ । ସଭାରେ ଉପସ୍ଥିତ ରହି ଏଲ୍‌ଡିଏମ୍ ଅନିଲ କୁମାର ପ୍ରଧାନ ବ୍ୟାଙ୍କିଙ୍ଗ ଦ୍ୱାରା ହିତାଧିକାରୀଙ୍କୁ ବିଭିନ୍ନ ବ୍ୟାଙ୍କ ଋଣ ବିଷୟରେ ଆଲୋକପାତ କରିଥିଲେ । ନିର୍ଦ୍ଦେଶକ RSETI ଶେଷଦେବ ଭୋଇ ଓ ମହୁଚାଷର ରିସୋର୍ସ ପର୍ସନ ଅଶୋକ କୁମାର ଷଡଙ୍ଗୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉଦ୍ୟାନ କୃଷି ଓ ମୃର୍ତ୍ତିକା ସଂରକ୍ଷଣ ବିଭାଗର ହିତାଧୀକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିଲା । ଉଦ୍ୟାନ କୃଷି ବିଭାଗର ସୁଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର

# ଶ୍ରୀଜଗନ୍ନାଥ ଚେତନା ମାନବ ସମାଜକୁ ରସାମୃତ କରିଛି

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ଶାଖା ଓ ରାଉରକେଲା କଲେଜ, ରାଉରକେଲାର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ତଥା ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ କରୁଣାକର ପାଟ୍ଟଶାଣୀଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚ୍ୟ ବିଷୟ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଷୟ ବିଶେଷଜ୍ଞ ଭାବେ ବିଶିଷ୍ଟ ଆଲୋଚକ ସଞ୍ଜୀବ କୁମାର ଭୋଇ ଯୋଗଦେଇ ଏକ ମାର୍ମିକ ଆଲୋଚନା କରିବା ସହ ଶ୍ରୀଜଗନ୍ନାଥ ଚେତନା ମାନବ ସମାଜକୁ ରସାମୃତ କରିଛି ବୋଲି ମତ ରଖିଥିଲେ । ସେ ତାଙ୍କ ବକ୍ତବ୍ୟରେ ଶ୍ରୀମନ୍ଦିରର ବାଇଶି ପାହାଚ, ଚନ୍ଦନଯାତ୍ରା, କାଞ୍ଚି ଅଭିଯାନ, ଗଉଡ-ଗୁଡିଆ ହାତରୁ ଦହି-ସରବତ ଖାଇବା ପରମ୍ପରା, ଈଶାନେଶ୍ୱର ମନ୍ଦିର, ଶ୍ରୀମନ୍ଦିର ପୁଷ୍ପ ବାଟିକା, ଛପନଭୋଗ, ଲକ୍ଷ୍ମୀ ଓ ଶ୍ରୀ ଜଗନ୍ନାଥ, ଜଗନ୍ନାଥ ବିମଳାଙ୍କୁ କୋଳରେ ବସାଇ ସାଧନା, ଶଙ୍ଖକ୍ଷେତ୍ର, ହାତୀ ବେଶ, ସ୍ନାନ ପୂର୍ଣ୍ଣିମା ଓ ପ୍ରତୀକ ସ୍ନାନ, ଅବକାଶ ନୀତି, ସକାଳ ଭୋଗ, ବଲ୍ଲଭ ଭୋଗ, ଭୋଗ ପ୍ରସାଦ, ମହାପ୍ରସାଦ, ରୋଷଶାଳ, ଶ୍ରୀମନ୍ଦିରରେ ସେବାୟତ, ପଟ୍ଟଦିଅଁ, ଆଡପ ଅଭଡ଼ା, ବାଘ ପାଟିଆ, ଗରୁଡଙ୍କୁ ଆରିସା କୋରା ଭୋଗ, ଗୀତଗୋବିନ୍ଦ ଓ ତିଳଛ ମହାପାତ୍ରଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ମହାନଗର ସମ୍ପର୍କ ପ୍ରମୁଖ ଧରିତ୍ରୀ ପାଇକରାୟଙ୍କ ସ୍ୱାଗତ ଭାଷଣ ଓ ସଂଯୋଜନା ତଥା ମାଧବ ନଗର ଶାଖା ସଭାପତି ବ୍ରଜେନ୍ଦ୍ର ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ସଭାପତି ଡ. ଜେନା ସମାବେଶର ଆଭିମୁଖ୍ୟ ଓ ଆଲୋଚ୍ୟ ବିଷୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ରାଉରକେଲା କଲେଜର ଓଡ଼ିଆ ବିଭାଗର ପ୍ରାକ୍ତନ ଛାତ୍ରୀ ଅପର୍ଣ୍ଣା ପାହାରୀ ଭିତ୍ତି ପ୍ରବନ୍ଧ ପାଠ କରିଥିଲାବେଳେ ଅନୁଷ୍ଠାନର ଉପସଭାପତି ସୁଜାତା ପ୍ରଧାନ 'ଭୁଲ' ଶୀର୍ଷକ ଗଳ୍ପ ପାଠ କରିଥିଲେ । ଅଧିବେଶନରେ ପରିଷଦର ରାଉରକେଲା କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କୁଞ୍ଜ ବିହାରୀ ରାଉତ ଓ ଡଃ ଶକୁନ୍ତଳା ନାୟକ ଗୁପ୍ତା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ସୌମ୍ୟରଂଜନ ମହାନ୍ତି ଓ ଶ୍ରେୟସୀ ସାହୁଙ୍କ ସଂଯୋଜନାରେ ଅଳକା ମହାନ୍ତି, ପ୍ରିୟଙ୍କା ପଲେଇ, ମୋନାଲିସା ବେହେରା, ଡ. ଶକୁନ୍ତଳା ନାୟକ ଗୁପ୍ତା, ଅଜୟ କୁମାର ମହାନ୍ତି, ବିଭୁ ନାୟକ, ରମାକାନ୍ତ ସାମଲ, ଶ୍ୱେତ କୁମାର ବେହେରା, ଗାୟତ୍ରୀ ଦାସ, ଲଳିତା ବେହେରା, ବ୍ରଜେନ୍ଦ୍ର ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ମାଧବ ନଗର ଶାଖାର ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଅଜୟ କୁମାର ପାଣି, କାଶୀନାଥ ନନ୍ଦୀ, କରୁଣାକର ପାଟ୍ଟଶାଣୀ, ଶ୍ୱେତା ପରିଡ଼ା, ପ୍ରୀତି ସିଂ, ଦେବସ୍ମିତା ପଟ୍ଟନାୟକ, ଲକି ପାହାରୀ, ରେଣୁବାଳା ଦାସ, ପ୍ରଭାତ କୁମାର ଦାସ, ଗୌତମ ଦାସ, ଶ୍ରୀଧର ସୁନା, ଅଜୟ କୁମାର ବେହେରା, ଆଭାଷ କୁମାର ହୋତା, ମନୋଜ କୁମାର ଚୌଧୁରୀ, ପୁଷ୍ପା ରାଣୀ ପଟେଲ ପ୍ରମୁଖ ଉପସ୍ଥିତ ରହି ସମାବେଶକୁ ସଫଳ କରାଇଥିଲେ ।

# ବିକାଶ ମେଳାରେ ଶିଳ୍ପଭିତ୍ତିକ ବିଭିନ୍ନ ଯୋଜନା ଉପରେ ସଚେତନତା



**କଟକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପଭିତ୍ତିକ ଯୋଜନା ଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ବାଲିଯାତ୍ରା ତଳ ପଡିଆରେ ଅନୁଷ୍ଠିତ ବିକାଶ ମେଳାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଏମ୍ ବିଶ୍ୱକର୍ମା ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍‌ଯୋଗ ଯୋଜନା, ଗୁରୁ ଶିଷ୍ୟ ପରମ୍ପରା ତାଲିମ, ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ, ଶିଳ୍ପୀ ଗ୍ରାମ ଯୋଜନା, ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା, ଶିଳ୍ପୀ ଉନ୍ନତି ଯୋଜନା, ନମୁନା ବିକାଶ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍‌ଯୋଗ ଗୁଡିକୁ ପ୍ରୋତ୍ସାହନ ଦେବା ଦିଗରେ ବ୍ୟାଙ୍କଗୁଡିକର ଭୂମିକା ଉପରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ତରୁଣକାନ୍ତ ମହାନ୍ତି, ଦୀପାର ଟିମ୍ ଲିଡ୍ ସୁସ୍ମାତା ମହାନ୍ତି, ଏଲ୍‌ଡିଏମ୍ ୟୁକୋ ବ୍ୟାଙ୍କ ରମଣ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସଫଳ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜୁନ୍ ୨୦୨୫ ଶନିବାର








'ବୋନ୍ ମିନେରାଲ ଡେନ୍‌ସିଟି' ସମ୍ପର୍କରେ ୨୦୨୪ ମସିହା ଅକ୍ଟୋବରରେ ୬୯୬ କ୍ୟାମ୍ପ କରି ଏସିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ଡା. ସିଦ୍ଧାର୍ଥ ସାହୁ **(ଫଟୋ:ସମ୍ବାଦ କଳିକା)**

# ଭଦ୍ରକରେ ୮୮ ହଇଜା ରୋଗୀ:ସ୍ଥିତି ପରଖିଲେ କେନ୍ଦ୍ରୀୟ ଟିମ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାରେ ହଇଜା ସ୍ଥିତି ପରଖିବା ପାଇଁ ଭଦ୍ରକ ପହଁଚିଛନ୍ତି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ । ଗୁରୁବାର ଦିନ ରାଜ୍ୟରୁ ଜଣେ ଏବଂ କେନ୍ଦ୍ରରୁ ୨ ଜଣ ଏହିଭଳି ଏକ ୩ ଜଣିଆ କେନ୍ଦ୍ରୀୟ ଟିମ୍ ଭଦ୍ରକ ପହଞ୍ଚି ଜିଲ୍ଲାର ହଇଜା ଉପଦ୍ରୁତ ଭଣ୍ଡାରିପୋଖରୀ ବ୍ଲକର ଦାଣ୍ଡକୂଳ ଏବଂ ତିଖିଲିଆ ଗ୍ରାମକୁ ଯାଇ ଉଭୟ ସୁସ୍ଥ ଏବଂ ଅସୁସ୍ଥ ଲୋକଙ୍କୁ ଭେଟି ହଇଜା ସ୍ଥିତି ପରଖିବା ସହିତ ଗ୍ରହଣ କରାଯାଇଥିବା ପ୍ରତିଷେଧମୂଳକ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଛନ୍ତି । ବିଶେଷକରି ହଇଜା ରୋକିବା ପାଇଁ ଫୁଟା ପାଣି ପିଇବା, ଖାଦ୍ୟ ଗ୍ରହଣ ପୂର୍ବରୁ ଭଲଭାବେ ହାତ ମୁହଁ ଧୋଇବା, ବାସୀ ଖାଦ୍ୟ ଗ୍ରହଣ ନକରିବା ଆଦି ପ୍ରସଙ୍ଗ ରେ ଲୋକଙ୍କୁ




ସଚେତନ କରାଇଛନ୍ତି । ଟିମ୍ ସୂଚନା ଅନୁଯାଇ ୩୨ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୧୧ ଜଣ ଚିକିତ୍ସାରେ ଥିବାବେଳେ ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଭଣ୍ଡାରିପୋଖରୀରେ ସ୍ଥିତି ଅନୁଧ୍ୟାନ ପରେ କେନ୍ଦ୍ରୀୟ ଟିମ୍ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲାର ଚିକିତ୍ସାଧୀନ ରୋଗୀଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି । ପରେ ଟିମ୍ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଆସି ସେଠାରେ ଚିକିତ୍ସାଧୀନ ରୋଗୀଙ୍କ ସହିତ କଥା ହୋଇଛନ୍ତି । କେନ୍ଦ୍ରୀୟ ଟିମ୍‌ରେ ଡ଼ ପ୍ରମିତ ଘୋଷ, ଡ. ଗୌତମ ଚୌଧୁରୀ, ଡ. ସୁବାଶିଷ ମହାନ୍ତି ଯୋଗଦେଇଥିବା ବେଳେ ତାଙ୍କ ସହିତ ଭଦ୍ରକ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି । ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୫୧ ଜଣ ରୋଗୀ ସମେତ ଭଣ୍ଡାରିପୋଖରୀ, ଧାମନଗର, ତିହିଡି ବ୍ଲକରେ ମୋଟ୍ ୮୮ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । ସେହିଭଳି ସଂକ୍ରମଣ ରୋକିବାକୁ ସ୍କୁଲ୍ ଏବଂ କଲେଜ ଗୁଡିକରେ ଥିବା ପାଣି ଏବଂ ପାଇଖାନା ଗୁଡିକର ବିଶୋଧନ ପାଇଁ ଶୁକ୍ରବାର ଏବଂ ଶନିବାର ଦୁଇଦିନ ପାଇଁ ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା କଥା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରକାଶ କରିଛନ୍ତି ।



# କଟକରେ ରଥ ପଥର ସମୀକ୍ଷା କଲେ ମେୟର

**କଟକ, ନ୍ୟୁଜ୍ ବ୍ୟୁରୋ**

ସକାଳ ସମୟରେ କଟକ ମେୟର ସୁବାସ ସିଂହ କଟକ ଶାନ୍ତିକମିଟି କର୍ମକର୍ତ୍ତା, ସି.ଏମ୍.ସି ଅଧିକାରୀ, ସ୍ଥାନୀୟ କର୍ପୋରେଟର, ବହୁ ସମାଜ ସେବୀଙ୍କ ଉପସ୍ଥିତି ପ୍ରଭୁ ଜଗନ୍ନାଥଙ୍କ ରଥ ଯିବା ରାସ୍ତାର ସମୀକ୍ଷା କରିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାକୁ ବାହାରୁଥିବା ଗଛଲତାକୁ କାଟିବା, ମୁକ୍ତ ନର୍ଦ୍ଦମାରେ ସ୍ଲାବ୍ ପକାଇବା, ଫୁଟ୍‌ପାଥ୍ ଗୁଡିକୁ ମରାମତି କରିବା, ରାସ୍ତାକଡ ବାଲି ଗୋଡିକୁ ସଫା କରିବା ସହିତ ଯେଉଁ ସ୍ଥାନରେ ରାସ୍ତାର ମରାମତି ଦରକାର ତାହା ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ରାସ୍ତାରେ ଓହଳୁଥିବା କେବୁଲ ତାରର ସ୍ଥିତି ଯାଞ୍ଚ କରିବା ଓ ଠାକୁର ରହଣି ସ୍ଥାନର ସଫେଇ ଓ ସୁରକ୍ଷାର ମଧ୍ୟ ସମୀକ୍ଷା କରିଥିଲେ। ଏହି ଅବସରରେ ମେୟର ସୁବାସ ସିଂହଙ୍କ ସହିତ ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, କଟକ ଶାନ୍ତି କମିଟି ସମ୍ପାଦକ ଭିକାରି ଚରଣ ଦାସ, ସି.ଏମ୍.ସି ଅଧିକାରୀ ଓ କର୍ମଚାରୀ, ଶାନ୍ତିକମିଟି କର୍ମକର୍ତ୍ତା, ସ୍ଥାନୀୟ ଯୁବବର୍ଗ ଓ ବହୁ ଜଗନ୍ନାଥ ପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ଛାତ୍ରୀ ଗଣଦୁଷ୍କର୍ମ ଘଟଣା

# ପୀଡ଼ିତା ପରିବାରକୁ ୨୫ ଲକ୍ଷ ଅନୁକମ୍ପା ରାଶି ଦିଆଯାଉ:ଜୟଦେବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଗୁରୁବାର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ପଣ୍ଡାପଡ଼ା ପଞ୍ଚାୟତ ଅନ୍ତର୍ଗତ କେନ୍ତଲାପଶି ଗ୍ରାମର ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା କଲେଜ ଛାତ୍ରୀ ମୀରାରାଣୀର ପରିବାରବର୍ଗଙ୍କୁ ସାକ୍ଷାତ୍ କରି ସମବେଦନା ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଜେନା କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜଣେ ଆଦିବାସୀ ଏବଂ ବିଡ଼ମ୍ବନାର ବିଷୟ, ଅନୁସୂଚିତ ଜାତି ଓ ଜନଜାତିବର୍ଗର ମହିଳାଙ୍କ ଉପରେ ଦିନକୁ ଦିନ ବର୍ବୋରଚିତ ଅତ୍ୟାଚାର ଓ ନିର୍ଯାତନା ବଢି ବଢି ଚାଲିଛି। ସେମାନେ ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ହେଉଛନ୍ତି। କଲେଜ ଛାତ୍ରୀ ମୀରାରାଣୀର ୪ଜଣ ଦୁଷ୍କର୍ମକାରୀ ଏପର୍ଯ୍ୟନ୍ତ ଧରାପଡ଼ି ନାହାଁନ୍ତି ଏବଂ



ପୋଲିସର ହାତ ଖାଲିପଡ଼ିଛି। ଏହି ୪ଜଣ ଅପରାଧି ମୀରାରାଣୀଙ୍କୁ ଅପହରଣ କରି ଅତି ଅମାନବୀୟ ଭାବେ ଦୁଷ୍କର୍ମ କରିବା ସହିତ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିଲେ। ଏହି ବିଭତ୍ସ ଦୃଶ୍ୟକୁ ଲୋକେ ଦେଖି ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ। ଗଛରେ ଟଙ୍ଗା ହୋଇଥିବା ମୀରାରାଣୀଙ୍କ ଗୋଡ଼ଦେଇ ଧାର ଧାର ରକ୍ତ ବହି ଚାଲିଥିଲା। କଲେଜ ପଢୁଆ ଝିଅକୁ ହରାଇ ଗରିବ ପରିବାରଟି ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି। ଅନ୍ୟପକ୍ଷରେ ଅଭିଯୁକ୍ତମାନେ ଧରାନପଡ଼ିବାରୁ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରାଧୀଙ୍କୁ ତୁରନ୍ତ ଗିରଫ କରି ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମୃତା ଛାତ୍ରୀଙ୍କ ପରିବାରବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ତୁରନ୍ତ କ୍ଷତିପୂରଣ ଦେବାକୁ ଶ୍ରୀ ଜେନା ଦାବି କରିଛନ୍ତି। ସାରା ରାଜ୍ୟରେ ନାବାଳିକା ଓ ମହିଳାଙ୍କ ଉପରେ ଗଣଦୁଷ୍କର୍ମ ଓ ହତ୍ୟା ବଢ଼ିଚାଲିଛି। ରାଜ୍ୟରେ ୬୪ ହଜାର ମହିଳା ନିଖୋଜ ହୋଇଛନ୍ତି। ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ସେହିଭଳି ଗୋପାଳପୁର ସମୁଦ୍ର ବେଳାଭୂମିରେ ଜଣେ ମହିଳାଙ୍କୁ ୧୦ ଜଣ ଦୁଷ୍କର୍ମ କରିବା ଅତ୍ୟନ୍ତ ସ୍ପର୍ଶକାତର ଘଟଣା। କଂଗ୍ରେସ ଦଳ ନାରୀଙ୍କୁ ନ୍ୟାୟ ଦେବା ପାଇଁ ଲଢେଇ କରୁଛି, କିନ୍ତୁ କଂଗ୍ରେସ କର୍ମୀ ଓ ନେତାଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରୁଛନ୍ତି। ନାରୀ ନିର୍ଯାତନା ପ୍ରସଙ୍ଗ ଯେତେବେଳେ କଂଗ୍ରେସ ଦଳ ଉଠାଉଛି, ସେତେବେଳେ ବିଜେପି ସରକାର ବିଚଳିତ ହୋଇପଡୁଛନ୍ତି। ତେଣୁ ରାଜ୍ୟରେ ତୁରନ୍ତ ନାରୀ ନିର୍ଯାତନା ବନ୍ଦ କରିବା ପାଇଁ ସରକାର ଦୃଢ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଜେନା ଦାବି କରିଛନ୍ତି।

# ଯୁବକର ଟାଙ୍ଗିଆ ଚୋଟରେ ବୃଦ୍ଧ ଗୁରୁତର

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଗୁହୁରିଆମୁଣ୍ଡା ଗାଁରେ ଜଣେ ବୃଦ୍ଧଙ୍କୁ ଟାଙ୍ଗିଆରେ ମରଣାତ୍ମକ ଆକ୍ରମଣ ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ଏବଂ ପରେ ଭୀମ ଭୋଇ ମୁଖ୍ୟ ଡାକ୍ତରଖାନା ରେ ଭର୍ତ୍ତି କରି ଚିକିତ୍ସା କରାଉଛନ୍ତି। ଚିକିତ୍ସିତ ହେଉଥିବା ବୃଦ୍ଧ ଜଣଙ୍କ ହେଲେ ଉକ୍ତ ଗାଁର ଭୀମ ସୁନା । ଖବର ନେବାପରେ ଜଣାପଡିଛି ବୃଦ୍ଧଙ୍କ ସ୍ତ୍ରୀ ଏନେଇ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିବା ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ଠାରୁ ଜଣାପଡିଛି। ପ୍ରକାଶ ଯେ ଗୁରୁବାର ସନ୍ଧ୍ୟା ସମୟରେ ବୃଦ୍ଧ ଜଣଙ୍କ ବିଲରୁ କାମ ସାରି ଘର ପାଖରେ ଥିବା ଆମ୍ବ ଗଛ ତଳେ ଖଟରେ ଶୋଇ ବିଶ୍ରାମ କରୁଥିଲେ। ଠିକ୍ ଏହି ସମୟରେ ଗାଁର ଜନୈକ ଯୁବକ ଏକ ଟାଙ୍ଗିଆରେ ବୃଦ୍ଧଙ୍କ ମୁଣ୍ଡ ଏବଂ ବେକରେ ଚୋଟ ମାରିଥିଲା। ବୃଦ୍ଧଙ୍କ ଚିତ୍କାର ଶୁଣି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧଙ୍କୁ ପରିବାର ଲୋକେ ପ୍ରଥମେ ପାଟଣାଗଡ଼ ଡ଼ାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଆମ୍ବୁଲାନ୍ସ ଯୋଗେ ବୃଦ୍ଧଙ୍କୁ ଭୀମ ଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପରିବାରବର୍ଗଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବୃଦ୍ଧ ଜଣଙ୍କ ଚେତା ଶୂନ୍ୟ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡିଛି। ପାଟଣାଗଡ଼ ପୋଲିସ ଖବରପାଇ ଅଭିଯୁକ୍ତକୁ ଗିରଫ କରି ଅଧିକ ତଦନ୍ତ କରୁଥିବା ପାଟଣାଗଡ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ଚୌଦ୍ୱାରରେ ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ:ପାଣି ଓ ଖାଦ୍ୟ ନମୁନା ସଂଗ୍ରହ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡ଼ାବାନ୍ତି ରୋଗ ବ୍ୟାପୁଥିବାରୁ ଏହାର ମୁକାବିଲା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ତରଫରୁ ଗୁରୁବାର ଦିନ ଚୌଦ୍ୱାର ସହରରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ଫାଷ୍ଟଫୁଡ଼ ସେଣ୍ଟର ଗୁଡ଼ିକରେ ଚଢ଼ଉ କରାଯାଇଥିଲା । ଖାଦ୍ୟ ସୁରକ୍ଷା ଅଧିକାରୀ ଅଭିନନ୍ଦିତା ପରିଜାଙ୍କ ନେତୃତ୍ୱରେ ଚୌଦ୍ୱାର ପୌରପାଳିକା କର୍ମଚାରୀ ସନ୍ତୋଷ କୁମାର ହୋତା, ଚୌଦ୍ୱାର ଥାନାର ଅଧିକାରୀ ମାନଙ୍କୁ ନେଇ ଗଠିତ ଏକ ଟିମ୍ ବିରାଟ ବଜାର ଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ମିଠା ଦୋକାନ ଓ ରାସ୍ତାକଡ଼ ଫାଷ୍ଟଫୁଡ଼ ଦୋକାନରେ ଚଢ଼ଉ କରି ବିକ୍ରି ହେବାକୁ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଯାଞ୍ଚ କରି ବହୁ ପରିମାଣର ବାସି ଖାଦ୍ୟ ନଷ୍ଟ କରିବା ସହିତ କିଛି ଦୋକାନରୁ ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛନ୍ତି । ଦୂଷିତ ଖାଦ୍ୟ ବିକ୍ରି କରୁଥିବା କିଛି ଦୋକାନୀଙ୍କ ଠାରୁ ଫାଇନ୍ ଆଦାୟ କରାଯାଇଥିବା ଜଣାପଡ଼ିଛି । ଏହି ଚଢ଼ଉ ଜାରୀ ରହିବ ବୋଲି ଅଧିକାରୀ ଅଭିନନ୍ଦିତା ପରିଜା ସୂଚନା ଦେଇଛନ୍ତି । ପୌର କର୍ମଚାରୀ ମନୋଜ କୁମାର ସାହୁ, ସନ୍ତୋଷ ଖୁଣ୍ଟିଆ, ଏସ୍.କେ, ଦିଲବର ମହମ୍ମଦ, ଦୁର୍ଯ୍ୟୋଧନ ପଣ୍ଡା, ଅଜୟ କୁମାର ନାୟକ, ଇଶ୍ୱର ନାୟକ, ସୁନୀଲ ଦାସ, ବିପ୍ର ନାୟକ ପ୍ରମୁଖ ଚଢ଼ଉରେ ଅଂଶ ଗ୍ରହଣ କରିଥିଲେ।

# କଂସାବାସନ ଦୋକାନରୁ ଲୁଟି ନେଲେ ଟଙ୍କା ଓ ସାମଗ୍ରୀ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଟାଉନ୍ ସ୍ଥିତ ହାଟପଦା ମାର୍କେଟ୍‌ରୁ ବୁଧବାର ବିଳମ୍ବିତ ରାତିରେ ନିତ୍ୟାନନ୍ଦ ନାୟକ ଙ୍କ କଂସା ବାସନ ଦୋକାନରୁ ଏକ ଦୁର୍ବୃତ୍ତ ଦୋକାନ ଗୃହର ଉପର ଟିଣ ଛପର ଭାଙ୍ଗି ଦୋକାନରେ ପଶି ସୋକେଶ ଡ୍ରରେ ଥିବା ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ସହ ଦୋକାନରେ ଥିବା ବିଭିନ୍ନ ନାମୀ ଦାମୀ କଂସା ବାସନ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଦୋକାନ ମାଲିକ ଶ୍ରୀ ନାୟକ। ପ୍ରକାଶ ଯେ, ଗୁରୁବାର ସକାଳୁ ଦୋକାନ ମାଲିକ ନିତ୍ୟାନନ୍ଦ ଦୋକାନ ଖୋଲିବା ପରେ ଟିଣ ଭାଙ୍ଗିବା ସହ ଦୁର୍ବୃତ୍ତ ଚୋରୀ କରିବା ପରେ ସିସି କ୍ୟାମେରା ମଧ୍ୟ ଭାଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ। ପରେ ପରେ ବାଲିଗୁଡା ଥାନାରେ କେଶ୍ ନଂ. ୧୮୬/୨୫ ପ୍ରକାରେ ଏତଲା ଦାଏର କରିଥିଲେ । ଏତଲାକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନର ସିସି କ୍ୟାମେରା ଫୁଟେଜ୍ ଦେଖିବା ପରେ ତଦନ୍ତ ଅବ୍ୟାହତ ରଖିଛି।

# ଏମ୍‌କେସିଜି ଚାରିପଟେ ମାଲମାଲ ନର୍ସିଂହୋମ୍ ଓ କ୍ଲିନିକ୍:ଦଲାଲ ସକ୍ରୀୟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଚିକିତ୍ସାଳୟରେ ରୋଗୀଙ୍କୁ ଔଷଧରୁ ଆରମ୍ଭ କରି ଭିନ୍ନ ପରୀକ୍ଷା ନିରୀକ୍ଷା ମାଗଣାରେ ଯୋଗାଇ ଦିଆଯାଉଛି । ହେଲେ ବ୍ରହ୍ମପୁର ସହରରେ ଥିବା ଏମ୍‌କେସିଜିର ଚାରିପାଖରେ ମାଳ ମାଳ ଘରୋଇ ନର୍ସିଂହୋମ୍ ଓ କ୍ଲିନିକ୍ ସଂଖ୍ୟା ବଢ଼ିବାରେ ଲାଗିଛି। ଏଠାକୁ କିପରି ରୋଗୀମାନେ ଅଧିକ ସଂଖ୍ୟାରେ ଆସିବେ ସେ ଦିଗରେ ଡାକ୍ତରଙ୍କ ଠାରୁ ଆରମ୍ଭ କରି ବଡ଼ ଡାକ୍ତରଖାନାରେ ଏହି ନର୍ସିଂହୋମ୍ ଦ୍ୱାରା ନିୟୋଜିତ କମିଶନ୍ ଏଜେଣ୍ଟ ଓ ଦଲାଲ୍ ପଇଁତରା ମାରୁଥିବା ଦେଖାଯାଉଛି। ଏମ୍‌କେସିଜି ବଡ଼ ଡାକ୍ତରଖାନା ବ୍ରହ୍ମପୁର ସମେତ ସମଗ୍ର ଗଞ୍ଜାମ ଜିଲ୍ଲା, କନ୍ଧମାଳ, ଗଜପତି, କୋରାପୁଟ, ବୌଦ୍ଧ, କଳାହାଣ୍ଡି, ପୁରୀ ଓ ନୟାଗଡ଼ ଜିଲ୍ଲାରୁ ରୋଗୀମାନେ ଏହା ଉପରେ ନିର୍ଭରଶୀଳ। ଡାକ୍ତରଖାନା ପରିସରରେ ମାଗଣା ଔଷଧ ବିତରଣ ପାଇଁ ଛଅଟି ନିରାମୟ କେନ୍ଦ୍ର, ମାଗଣା ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ନିଦାନ କେନ୍ଦ୍ର ରହିଛି। ଏହା ସହିତ ପିପିପି ମୋଡ୍‌ରେ ଏକ୍ସରେ, ଅଲଟ୍ରାସାଉଣ୍ଡ ଓ ସିଟିସ୍କାନ୍ ଆଦି ସେବା ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। ରୋଗୀମାନେ କିଭଳି ଉତ୍ତମ ସେବା ପାଇବେ ସେଥିପାଇଁ ଏହି ଡାକ୍ତରଖାନାରେ ଦୁଇବେଳା ଆଉଟ୍‌ଡୋର୍ ଖୋଲୁଛି। ଏତେ ସବୁ ସତ୍ୱେ ଏମ୍‌କେସିଜିର ଚାରିପାଖେ ନୂଆ ନୂଆ ନର୍ସିଂହୋମ୍, ବିଭିନ୍ନ ପରୀକ୍ଷା କେନ୍ଦ୍ର ଓ ଔଷଧ ଦୋକାନ ଆଦି ଖୋଲିବାରେ ଲାଗିଛି। ଏଠାକୁ ଢ଼େର୍ ଅଧିକ ରୋଗୀ ବି ଆସୁଛନ୍ତି। ତେବେ ସବୁକିଛି ମାଗଣାରେ ମିଳୁଥିବା ଏମ୍‌କେସିଜି ବଡ଼ଡ଼ାକ୍ତରଖାନାର ପାଚେରୀ କଡ଼ରେ ଏଗୁଡ଼ିକ କାହିଁକି ଏତେ ସଂଖ୍ୟାର ଖୋଲୁଛି ? ଏଠାକୁ କେଉଁମାନେ ରୋଗୀ ଦେଖିବାକୁ ଆସୁଛନ୍ତି ? ସେ ସଂକ୍ରାନ୍ତରେ କେହି ତର୍ଜମା କରୁନାହାନ୍ତି। ଅନ୍ୟପଟେ ଏହିସବୁ ଘରୋଇ ଚିକିତ୍ସାକେନ୍ଦ୍ରରେ କେଉଁ କେଉଁ ଡାକ୍ତର ଆସି କେତେବେଳେ ରୋଗୀ ଦେଖୁଛନ୍ତି ତାହାର ସୂଚନା ସମ୍ପୃକ୍ତ ନର୍ସିଂହୋମ୍ ପକ୍ଷରୁ ରାସ୍ତାକଡ଼େ ବୋର୍ଡ଼ ଲଗାଇଥିଲେ ବି ପ୍ରଶାସନକୁ ମିଳୁନାହିଁ। ତେବେ ଯାହା ଜଣାଯାଇଛି, ଏମ୍‌କେସିଜି ବଡ଼ ଡାକ୍ତରଖାନାର ରୋଗୀମାନେ ହିଁ ହେଉଛନ୍ତି ଏହିସବୁ ଘରୋଇ ଚିକିତ୍ସାକେନ୍ଦ୍ର ଓ ପରୀକ୍ଷାକେନ୍ଦ୍ର ଆଦିର ବଡ଼ ଗ୍ରାହକ। ଡାକ୍ତରଖାନାରେ ଧାଡ଼ିରେ ଛିଡ଼ା ନହୋଇ ରୋଗୀମାନେ କିଭଳି ଘରୋଇ କ୍ଲିନିକ୍‌କୁ ଆସିବେ ନର୍ସିଂହୋମ୍ ଏଜେଣ୍ଟମାନେ ମଧ୍ୟ ଦିନରାତି ବଡ଼ ମେଡ଼ିକାଲ୍ ପରିସରରେ ଚକ୍କର କାଟୁଛନ୍ତି। ନିୟମିତ ପୋଲିସ ଧରପଗଡ଼ ନଥିବାରୁ ନିର୍ଭୟରେ ଦଲାଲି କରୁଛନ୍ତି। ସେହିପରି ଯେଉଁମାନେ ପୋଲିସ ହାତରେ ଧରାପଡୁଛନ୍ତି ପରେ ସେମାନେ ଆସି ବେଶ ବଦଳାଇ ନୂଆ ରୂପରେ ଦଲାଲି କରୁଛନ୍ତି।

# ଗଳାକାଟି ବିଭତ୍ସ ହତ୍ୟା:ମୃତ ଦେହ ପାଖରୁ ଭଙ୍ଗା ଚୁଡ଼ି ଜବତ

**କଟକ, ନ୍ୟୁଜ୍ ବ୍ୟୁରୋ**

ବକ୍ସିବଜାର ଛକରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ବୀଭତ୍ସ ଭାବେ ହତ୍ୟା କରାଯାଇଛି । ମୃତକ ହେଉଛନ୍ତି ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ (୫୫)। ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନ ବାରଣ୍ଡାରେ ଶୋଇଥିଲା ବେଳେ ତାଙ୍କୁ ହତ୍ୟା କରାଯାଇଛି। ଘଟଣାସ୍ଥଳରୁ ପୋଲିସ ଭଙ୍ଗା ଚୁଡ଼ି ଜବତ କରିଛି। ହତ୍ୟାକାଣ୍ଡରେ କୌଣସି ମହିଳାଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। କ୍ୟାଣ୍ଟନ୍‌ମେଣ୍ଟ ଥାନା ପୋଲିସ ଶବ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ଶଙ୍କରପୁର ଅଞ୍ଚଳର ଅଶୋକ ଅବିବାହିତ ଥିଲେ। ତାଙ୍କର ବାପା ବାଦାମବାଡ଼ି ଅଞ୍ଚଳରେ ଫଳ ବ୍ୟବସାୟ କରୁଥିଲେ। ଗୋଟିଏ ସମୟରେ ଅଶୋକ ବାପାଙ୍କ ସହିତ ମିଶି ଫଳ ବ୍ୟବସାୟ କରୁଥିଲେ। ବାପାଙ୍କ ଦେହାନ୍ତ ପରେ ଶଙ୍କର ଘର ଛାଡ଼ି ବାହାରେ ରହୁଥିଲେ। ଦିନ ସମୟରେ ଶୌଚାଳୟରେ



କେୟାରଟେକର ଭାବେ କାମ କରୁଥିଲେ । କାମ ସରିବା ପରେ ଦୋକାନ ପିଣ୍ଡାରେ ରାତି କାଟୁଥିଲେ। ଗଲା କିଛି ମାସ ହେବ ଅଶୋକ ବକ୍ସିବଜାର ସ୍ଥିତ ସିଡିଏ ମାର୍କେଟ୍‌ରେ ରହୁଥିଲେ। ମଙ୍ଗଳବାର ରାତିରେ ସେ ସିଡିଏ ମାର୍କେଟ୍‌ରେ ଥିବା ପାୟଲ୍ ରେଷ୍ଟୁରାଷ୍ଟ ବାରଣ୍ଡାରେ ଶୋଇଥିଲେ। ବୁଧବାର ସକାଳେ ପ୍ରଥମେ ଜଣେ ମହିଳା ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖିଥିଲେ। ଏ ସଂକ୍ରାନ୍ତରେ ଖବର ମିଳିବା ପରେ ଏସିପି ଅରୁଣ ସ୍ୱାଇଁଙ୍କ ସମେତ ସ୍ପେସାଲ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ମଧ୍ୟ ପହଞ୍ଚି ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିଥିଲା। ଯାଞ୍ଚ ସମୟରେ ଅଶୋକଙ୍କ ବେକରେ ଗଭୀର କ୍ଷତ ଚିହ୍ନଥିବା ଦେଖିବାକୁ ମିଳିଥିଲା। ଖଣ୍ଡା, କଟୁରି କିମ୍ବା ଭୁଜାଲିରେ ତାଙ୍କୁ ହଣାଯାଇଥିବା ପୋଲିସ ସନ୍ଦେହ କରୁଛି। ଏହା ସହିତ ତାଙ୍କ ଛାତି, ପିଠି, କାନ୍ଧ ଆଦି ଶରୀରର ବିଭିନ୍ନ ସ୍ଥାନକୁ ବି ହଣାଯାଇଛି। ସିଡିଏ ମାର୍କେଟ୍‌ରେ ଲାଗିଥିବା ଏକାଧିକ ସିସିଟିଭି କାମ କରୁନଥିବା ବେଳେ ରାସ୍ତାରେ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ହତ୍ୟାକାରୀଙ୍କୁ ଚିହ୍ନଟ କରିଛି ପୋଲିସ। ଅଶୋକ କାହା ସହିତ ସେଭଳି ମିଳାମିଶା କରୁନଥିବା ସ୍ଥାନୀୟ ଲୋକେ ବୟାନ ଦେଇଛନ୍ତି। କାମ ସାରି ସେ ଏକୁଟିଆ ବସୁଥିଲେ ବୋଲି ବ୍ୟବସାୟୀମାନେ ପୋଲିସକୁ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। କିନ୍ତୁ ପାରିବାରିକ ସମ୍ପର୍କ ତାଙ୍କର ଭଲ ନଥିବାରୁ ମୃତଦେହ ନେବାକୁ ପରିବାର ସଦସ୍ୟ ମନା କରିଦେଇଥିଲେ। ଭାଇମାନଙ୍କ ସହିତ ତାଙ୍କର ବହୁଦିନ ହେବ ବିବାଦ ଲାଗି ରହିଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ମଧ୍ୟ କେହି ଥାନାରେ ଏତଲା ଦେଇନାହାନ୍ତି। ତେଣୁ ବ୍ୟବଚ୍ଛେଦ ପରେ ମୃତଦେହକୁ ବଡ଼ ଡାକ୍ତରଖାନାରେ ରଖାଯାଇଥିବା କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୬।୨୦୨୫, ଆଷାଢ଼ ଦି୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୦୮।୫୨ ଚନ୍ଦ୍ରୋଦୟ- ରାଘ ୧।୪୮।୧୨**

**ଦଶମୀ-** ପ୍ରାଘ ୭।୧୯ ଗତେ । **ଏକାଦଶୀ-** ରାଘ ୪।୨୮ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ରାଘ ୭।୫୦ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ପ୍ରାଘ ୭।୧୯ ପରେ ଶିମ୍ବ ରାଘ ୪।୨୮ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୯ ଗତେ ଘ ୧୨।୧୫ ମଧ୍ୟେ । ଦିଘ ୩।୦୬ ଗତେ ଘ ୩।୪୬ ମଧ୍ୟେ । ପର୍ବୋତ୍ସବ- ଯୋଗିନୀ ଏକାଦଶୀ, ଶ୍ରୀମନ୍ଦିରେ ଅନବସର ଦଶମୀ, ଚକାବିଜେ, ଦଶମୂଳ ନୈବେଦ୍ୟ, ତ୍ର୍ୟହସ୍ପର୍ଶ ତିଥି ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରିବାରରେ ଆନନ୍ଦ ଉଲ୍ଲାସ ଦେଖାଦେବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ । ମାଲିମୋକଦ୍ଦମା କ୍ଷେତ୍ରରେ ଲାଭବାନ୍ ହେବେ ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ହଠାତ୍ ଶୁଭ ଖବର ମିଳିପାରେ । ପାରିବାରିକ ଜୀବନ ସୁଖମୟ ହେବ । ସ୍ୱାଭିମାନୀ ହେବେ । ଦୂରଯାତ୍ରା କରିପାରନ୍ତି ।



**ମିଥୁନ:** ବାଧା ପ୍ରତିବନ୍ଧକ ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । କଚେରି ମାମଲରେ ଶୁଣାଣି ବିଳମ୍ବ ହେବ । ଲୋକପ୍ରିୟତା ଅର୍ଜନ କରିବେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**କର୍କଟ:** ଯଶ ଖ୍ୟାତି ଅର୍ଜନ କରିବେ । ଶରୀର ସୁସ୍ଥ ରହିବ । ଆର୍ଥିକ ସ୍ଥିତିରେ ଉନ୍ନତିର ଆଶା କରାଯାଏ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ପିଲାମାନେ ପାଠପଢ଼ାରେ ଆଗେଇବେ । ମହିଳାମାନେ ସୁଖୀ ହେବେ ।



**ସିଂହ:** ବିବାଦର ସମ୍ମୁଖୀନ ହେବେ । ସେବା କାର୍ଯ୍ୟରେ ଯୋଗ ଦେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବ୍ୟୟର ମାତ୍ରା ଅଧିକ ହୋଇପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।



**କନ୍ୟା:** ପାରିବାରିକ କଳହ ନେଇ ମନରେ ଦୁଃଖ ଦେଖାଦେଇପାରେ । ବ୍ୟବସାୟରେ ଲାଭନାନ୍ ହେବେ । ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି ।



**ତୁଳା:** ମାନସିକ ସ୍ତରରେ ଦ୍ୱନ୍ଦ୍ୱର ଶିକାର ହୋଇପାରନ୍ତି । କର୍ମକ୍ଷେତ୍ରରେ ଜୟଯୁକ୍ତ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବାର ସୂଚନା ।



**ବିଛା:** ପରୋପକାରୀ ହେବେ । କଠିନ ପରିଶ୍ରମର ସମ୍ମୁଖୀନ ହୋଇପାରନ୍ତି । ଆୟର ପରିମାଣ ବଢ଼ିବାର ସୂଚନା । ପାରିବାରିକ ଆନନ୍ଦ ଲାଭ ହେବ । ବିବାଦ କ୍ଷେତ୍ରରେ ଅବସାନ ଘଟିବ । ମନ ଭଲ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । ହଠାତ୍ ଧନ ପ୍ରାପ୍ତି ହୋଇପାରେ । ଯାନବାହାନ ପ୍ରତି ସତର୍କତା ଅବଲମ୍ବନ କରିବେ । ଶତ୍ରୁ ନାଶ ହେବେ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମକର:** କର୍ମକ୍ଷେତ୍ରରେ ପ୍ରତାରିତ ହୋଇପାରନ୍ତି । ଶରୀର ସୁସ୍ଥ ରହିବ । ଆୟ ଯୋଗ ରହିଛି । ଗୃହେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ସଫଳତା ହାସଲ ହେବ । ଶତ୍ରୁଙ୍କ ପରିମାଣ ବଢ଼ିବ । ମନ ଭଲ ରହିବ ।



**କୁମ୍ଭ:** ମନ ପ୍ରସନ୍ନ ରହିବ । ବିବାଦୀୟ ଘଟଣାରେ ବିଜୟୀ ହେବେ। ଯଶ ଲାଭ ହେବ। ବନ୍ଧୁଙ୍କ ଠାରୁ ସମ୍ମାନିତ ହେବେ । ଦୂରଯାତ୍ରା କରିପାରନ୍ତି । ପିଲାମାନଙ୍କ ପାଠପଢ଼ାରେ ମନ ଦେବେ ।



**ମୀନ:** ଦୀର୍ଘଦିନର ଆଶା ଆପଣଙ୍କର ପୂରଣ ହେବ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଲାଭ ହେବ । ମନ ଭଲ ରହିବ । ସାମାଜିକ ସ୍ତରରେ ସମ୍ମାନିତ ହେବେ ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ୍

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ ଗଡ଼ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ସେଲ୍‌ଟର ସ୍ତରୀୟ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଡେପୁଟି କଲେକ୍ଟର ଅଭିଷେକ ସାହୁ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ସିଡିପିଓ ସଲୀଳା ପ୍ରଧାନ, ସରପଞ୍ଚ ସଂଯୁକ୍ତା ପ୍ରଧାନ, ରାଜ୍ୟ ସ୍ତରୀୟ ବିପର୍ଯ୍ୟୟ ପର୍ଯ୍ୟବେକ୍ଷକ, ହୁମା ଫାଣ୍ଡି ପୋଲିସ, ଓଡ଼ିଆରଏଫ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାକୃତିକ ବନ୍ୟା ବାତ୍ୟା ସମୟରେ କିଭଳି ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ତାହା ଉପସ୍ଥିତ ଲୋକମାନଙ୍କୁ ଅଗ୍ନିଶମ କର୍ମଚାରୀ ବୁଝାଇଥିଲେ । ଅଗ୍ନି ବିପନ୍ନ, ଗର୍ଭବତୀ ମାନଙ୍କୁ କିଭଳି ସୁରକ୍ଷିତ ଭାବେ ମେଡିକାଲକୁ ନିଆଯିବ ତାହା ରଣ କୌଶଳ ଶିଖାଯାଇଥିଲା । ଘଡଘଡି ଓ ବିଜୁଳି ପବନ ବର୍ଷା ସମୟରେ ଘରୁ ପଦାକୁ ନବାହାରିବା, ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା, ଗାଁରେ ବିପଦ ପଡିଲେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବରଦେବା ଆଦି ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଥିଲା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୬।୨୦୨୫, ଆଷାଢ଼ ଦି୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୦୯।୦୫ ଚନ୍ଦ୍ରୋଦୟ- ରାଘ ୨।୩୭।୧୪**

**ଦ୍ୱାଦଶୀ-** ରାଘ ୧।୨୩ ପର୍ଯ୍ୟନ୍ତ । **ଦ୍ୱିଜାନକ୍ଷତ୍ର-** ସଂଘ ୫।୩୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୧୧।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ରାଘ ୧୧।୦୩ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୧୧।୦୩ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧।୨୩ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୮ ଗତେ ଘ ୯।୩୬ ମଧ୍ୟେ ଦିଘ ୧।୨୭ ଗତେ ଘ ୪।୩୯ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଜଳବାୟୁ ପରିବର୍ତ୍ତନ ଜନିତ କ୍ଷତି

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି।

ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

# ବଧୂ ବିଦେଶିନୀ–୨୯

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୪୩. ଉଦୟନଙ୍କ ଦ୍ୱିତୀୟ ପ୍ରେମପତ୍ର ପ୍ରେରଣ ଓ ପଠନ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏ ପର୍ଯ୍ୟନ୍ତ ମୁଁ (କଲ୍ଲୋଳିନୀ) ଯାହା କହି ଅଛି, ତାହା ହେଲା ମୋର ଦ୍ୱିତୀୟ ପତ୍ର ପାଇ ଉଦୟନ ତାକୁ ପଢିବା ଓ ତା'ପୂର୍ବରୁ ସୁହାସିନୀର ବାକ୍ୟବାଣରେ ସମସ୍ୟାର ସମ୍ମୁଖୀନ ହେବାପାଇଁ ପ୍ରେରିତ ହୋଇକରି ସେ ତତ୍ କ୍ଷଣାତ୍ ରାତ୍ରରେ ତାଙ୍କର ଦ୍ୱିତୀୟ ପତ୍ର ଲେଖିଲେ। ସେ ତାପରେ ପତ୍ରକୁ ସୁହାସିନୀ ହାତରେ ପ୍ରେରଣ କରିବାପାଇଁ ତତ୍ପର ହୋଇ ରହିଲେ। ଯାହା ଅନୁମାନ କରାଯାଏ, ପରଦିନ ପ୍ରଭାତରେ ଆମ୍ଭେ ଦୁହେଁ ବିଦ୍ୟାପୀଠ ଯିବା ପଥରେ ଉଦୟନ କେଉଁଠାରେ ଗୁପ୍ତଭାବେ ଅପେକ୍ଷା କରିଥିଲେ। ଯିବା ସମୟରେ ମୋର କିଛି ପଛରେ ସୁହାସିନୀ ଯାଉଥିଲା। ତେଣୁ ଉଦୟନ ଆମ ପଥର ଏକ ପାର୍ଶ୍ୱରେ ଦକ୍ଷିଣକୁ ରହି ସୁହାସୀ ସେ ଦିଗକୁ ଦେଖିବା ସମୟକୁ ଅପେକ୍ଷା କରିଥିଲେ। ଉପଯୁକ୍ତ ସମୟ ହେବାରୁ ସେ ଇଂଗିତ କରି ଧୀର ଗତିରେ ''ଯିବାପାଇଁ ସଂକେତ ଦେଇ ତାଙ୍କର ପତ୍ରକୁ ବାହାର କରି ଦେଖାଇ ଦେଲେ। ସୁହାସୀ ବୁଝିଗଲା।'' ସେ ନିଜର ଚାଲିବା ଗତି ମନ୍ଥର କରିଦେଲା ଓ ଉଦୟନ ନିଜ ଗତି ବୃଦ୍ଧିକରି ସୁହାସୀକୁ ମୋର ଅଜ୍ଞାତରେ ପତ୍ରଟି ଦେଇଦେଲେ। ସୁହାସୀ ତାକୁ ସାଇତି ରଖିଲା ଓ ସମୟ ଦେଖି ନିଜେ ପଢିଦେଲା।

ଅପରାହ୍ନରେ ଶିକ୍ଷାଗ୍ରହଣ ସମାପନ ହେଲାରୁ ଆମ୍ଭେ ଦୁହେଁ ଗୃହକୁ ଆସିଲୁ। ମୁଁ ଦେଖିଲି ଯେ ସୁହାସୀ ମନ ଦୁଃଖରେ ଅଛି ଓ ଦୁଇତିନିଥର କାରଣ ପଚାରିଲା ପରେ ମଧ୍ୟ ସେ କିଛି ସମୟ ନୀରବ ରହିଲା । ମୋର ଆଶଙ୍କା ଓ ଦୁଃଖ ବଢିଚାଲିଲା। ମୁଁ ଭାବିଲି ତା'ର କ'ଣ ହୋଇଗଲା ? ଏ ସ୍ଥିତିରେ ମୁଁ ବ୍ୟାକୁଳ ହୋଇ ପଚାରିବା ସ୍ୱାଭାବିକ। ଏପରି କରିବାରେ ସେ ଦୁଃଖମନରେ ମୋତେ କହିଲା, "ଦୁଃଖଦ ସମ୍ବାଦ। ତୁ ମୋତେ ପଚାରେ ନାହିଁ।" ଶୀଘ୍ର କହିବାକୁ କହିଲାରୁ ସେ କହିଲା, "ଉଦୟନ ତାଙ୍କ ପତ୍ର ମୋ ହାତରେ ପ୍ରେରଣ କରିଛନ୍ତି। ଦେଲାବେଳେ ତୁ ଦେଖିନାହୁଁ। ଆମ୍ଭର ସବୁ ପ୍ରୟାସ ବିଫଳ ହୋଇଗଲା। ସେ ହୃଦୟହୀନ ପ୍ରେମିକ ନାସ୍ତିବଚନ ଲେଖିଅଛନ୍ତି।"

ତା'ଶୁଣି ମସ୍ତକରେ ବଜ୍ରପାତ ହେଲାବୋଲି ମୋତେ ଲାଗିଲା ଓ ମୁଁ ତଳେ ତ୍ୱରିତ ବସିଗଲି। ମୋର ଏ ଅବସ୍ଥା ସେ ଦେଖିଲା ପରେ ତା'ର ଛଳନାକୁ ପରିତ୍ୟାଗ କରି ହସିଉଠିଲା ଓ କହିଲା, "ତୋ ସହ ମୁଁ ପରିହାସ କରୁଥିଲି। ତୁ ଆନନ୍ଦିତ ହୁଅ। ସବୁ କାର୍ଯ୍ୟ ସଠିକ୍ ଭାବେ ହୋଇଅଛି। ସେ ସନ୍ୟାସୀ ଏକ ବିରାଟ ପ୍ରେମିକ ହୋଇଯାଇଛି। ତୁ ପତ୍ର ପଠନ କର।" ମୁଁ ପତ୍ରଟି ଆନଂଦିତ ମନରେ ପଢି ଶେଷ କଲି।

ଏହାପୂର୍ବରୁ ମୁଁ ମୋର ଦ୍ୱିତୀୟ ପତ୍ରର ରୂପରେଖ ପ୍ରକାଶ କରିଅଛି। ଏହାର ଉତ୍ତରରେ ଉଦୟନ ଯେଉଁ ''ବିରଳ'' ପ୍ରତ୍ୟୁତ୍ତର ଦେଲେ ତାହାର ଉପସ୍ଥାପନା ବର୍ତ୍ତମାନ କରୁଅଛି। ଏହି ପଦ୍ୟମୂଳକ ପତ୍ରରେ ନିଜର ମନରେ ଚାପି ରହିଥିବା ପ୍ରେମ ଭାବକୁ ଉଦୟନ ସଂପୂର୍ଣ୍ଣ ପ୍ରକାଶ କରିବା ପୂର୍ବକ ମୋର ରୂପ ଗୁଣ ବିଶଦଭାବେ ବର୍ଣ୍ଣନା କରି ଅଛନ୍ତି। ଏହା ଉଲ୍ଲେଖଯୋଗ୍ୟ ଯେ ଏହି ଗୀତଭିତ୍ତିକ ପଦରେ 'ନ' ଅକ୍ଷର ବାରମ୍ବାର ସ୍ଥାନିତ ହୋଇ ଉଚ୍ଚମାନର ଅନୁପ୍ରାସ ସୃଷ୍ଟି କରି ଶ୍ରୁତିମଧୁର ହୋଇଅଛି। ପ୍ରତି ପଦମାନଙ୍କରେ ପ୍ରତ୍ୟେକ ୬ଟି ଖଣ୍ଡର ଆଦ୍ୟ ଅକ୍ଷରଟି 'ନ' ହେବାଟା ଗୀତକୁ ବହୁଳ ରସାୟିତ କରିଛି। ଆଶା କରେ ସମସ୍ତଙ୍କ ମନକୁ ଏହା ଛୁଇଁବ।

ନୀରଜ ନୟନୀ ନେଇ ମୋତେ କିଣି
ନିଦ୍ରା ନାହିଁ ଯେ ସାରା ରାତ୍ର
ନିଷ୍କ୍ରିୟ ଜୀବନ ନିର୍ବାକ ବଚନ
ନିଃସଙ୍ଗ ଲାଗଇ ସର୍ବତ୍ର ।।୧।।
ନିରୂପମ ସୌମ୍ୟ ନମ୍ରରୂପ ତୁମ
ନିସୃତ ଭାଷା ସୁମଧୁର
ନବନୀତ କୋମଳ ନିର୍ମଳ କପୋଳ
ନିଶିକାନ୍ତି ଘନ ଚିକୁର ।।୨।।
ନାସା ମଥା କର୍ଣ୍ଣ ନିଖୁଣ ଗଠନ
ନିର୍ମାଣେ ଭୃଲତା ବଙ୍କିମା
ନୀଳୋତ୍ପଳ ନେତ୍ରେ ନବଦଳ ଓଷ୍ଠେ
ନିତ୍ୟ ତୁମେ ତ ନିରୂପମା ।।୩।।
ନିକାଶି ପ୍ରକାଶ ନିପାତେ ତାମସ
ନିର୍ମଳ ଦନ୍ତପଂକ୍ତି ଶ୍ୱେତ
ନିଃସହ ଆନନ ନିଧି ଦୃଶ୍ୟମାନ
ନିଶାକର ସଦୃଶ ଜ୍ଞାତ ।।୪।।
ନଳୀନ ହସ୍ତରେ ନମସ୍କାର କଲେ
ନବ ଦିବ୍ୟ ଭାବ ଅନୁଭୂତ
ନଖଦଳ ରଂଗ ନିବାସ ଅନଂଗ
ନିଷ୍କାମୀକୁ କରେ ମୋହିତ ।।୫।।
ନାଭି ସରସୀଜ ନିବାସେ ମନୋଜ
ନବନୀତି କଟି କୋମଳ
ନିତମ୍ବ ଗରିମା ନାହିଁ ତା' ଉପମା
ନିୟତି ସୃଷ୍ଟି ମନୋହର ।।୬।।
ନଚାଇଲେ ଉରୁ ନିଗୂଢ ବସ୍ତ୍ରରୁ
ନିନାଦିତ ମେଖଳା ସୁଖ
ନିୟୋଜିଲେ ପାଦ ନିୟମିତ ପଥେ
ନୂପୁର ନାଦ ହରେ ଦୁଃଖ ।।୭।।
ନିଖିଳ ଭୁବନ ନାହିଁ ତୁମ ଭିନ୍ନ
ନାରୀ ରମ୍ୟା ମନମୋହିନୀ
ନବବାସ ରଚି ନିରନ୍ତର ଅଛ
ନିଜେ ହୋଇ ମୋ ହୃଦ ରାଣୀ ।।୮।।
ନ କହିବି ମିଥ୍ୟା ନିଛକ ସତ୍ୟ ଯା
ନିର୍ବଳ ମୁଁ ତୁମ ସ୍ପର୍ଶରେ
ନାମ ଲେଖା କାଳେ ନୟନ ମୋ ଯେବେ
ନିପତିତ ତୁମ ଉପରେ ।।୯।।
ନଗ ଦେଶେ ଯେବେ ନିକଟ ସଂସର୍ଗେ
ନେଲି ଟେକି କରି ସାହାଯ୍ୟ
ନିମଗ୍ନିଲି ରମ୍ୟ ନବ ପ୍ରେମେ ତୁମ
ନାଶ ହେଲା ସବୁ ମୋ ଧୈର୍ଯ୍ୟ ।।୧୦।।
ନ କହେ ବିଶେଷ ନ ହେବ ତ ଶେଷ
ନିସର୍ଗ ପ୍ରେମ ତୁମ ପ୍ରତି
ନିଷ୍ପତ୍ତି ନେଇଛି ନିର୍ଣ୍ଣୟ ଦେଉଛି
ନିର୍ମଳ ମନେ ମୋ ସମ୍ମତି ।।୧୧।।
ନିର୍ବିବାଦେ ତୁମେ ନିଶ୍ଚେ ବିବାହିବି
ନାଶି ସମାଜ ପ୍ରତିବନ୍ଧ
ନଚେତ୍ ତ୍ୟାଗିବି ନିଳୟ ପିତାଙ୍କ
ନିର୍ମାଣି ଗୃହ ତୁମ ସାଥ ।।୧୨।।
ନୈରାଶ୍ୟ ସଂହାର ନିର୍ଭରି ମୋ ପର
ନ କର ହେ ଆଶଙ୍କା ଆଉ
ନାଶ ଦୁଃଖ ହେବ ନିର୍ଭୟେ ରହିବ
---
(ନିଶ୍ଚିନ୍ତ ଦୁର୍ଗା ଚରଣ ସାହୁ)

[ **ଶବ୍ଦ/ପଦର ଅର୍ଥ : ପଦ (୧) :** ନୀରବ ନୟନା- ପଦ୍ମ ପରି ଆଖି। ନିଷ୍କ୍ରିୟ-କାର୍ଯ୍ୟହୀନ। ନିର୍ବାକ୍-କହିପାରୁନଥିବା। ନିଃସଂଗ-ସାଙ୍ଗରେ କେହି ନଥିବା ପରିସ୍ଥିତି। ଅହୋରାତ୍ର-ଦିନରାତି।
**ପଦ (୨) :** ନିରୂପମ-ଯାହାର ଉପମା ନାହିଁ। ନିସୃତ-ବାହାରୁ ଥିବା। ନବନୀତ-ଲହୁଣି। କପୋଳ-ଗାଲ, ଗଣ୍ଡଦେଶ। ନିଶିକାନ୍ତି-ରାତିପରି କଳାରୂପ। ଘନ ଚିକୁର-ଗାଢ ମୁଣ୍ଡବାଳ।
**ପଦ (୩) :** ନାସା-ନାକ। ନିଖୁଣ-କୌଣସି ଖୁଣ ନଥାଇ। ନିର୍ମାଣେ ଭୃଲତା ବଂକିମା-ଭୃଲତା (ଆଖି ଉପରେ ଥିବା ବାଳ) ବଙ୍କା ଆକୃତି ନିର୍ମାଣ (ପ୍ରସ୍ତୁତ) କରିଥାଏ। ନୀଳୋତ୍ପଳ-ନୀଳ ରଙ୍ଗର କଇଁଫୁଲ ବା ପଦ୍ମ। ନବଦଳ ଅଧରେ - ନୂଆ ପତ୍ରର ରଙ୍ଗ ପରି ହୋଇଥିବା ଅଧର (ଓଠ)ରେ। ନିତ୍ୟ- ସଦାବେଳେ। ନିରୂପମା-ତୁମର ଉପମା ନାହିଁ ଅର୍ଥାତ୍ ଅତି ସୁନ୍ଦର।
**ପଦ (୪) :** ନିକାଶି-ବାହାର କରି, ନିର୍ଗତ କରି। ପ୍ରକାଶ-ଆଲୋକ। ନିପାତେ ତାମସ-ନିପାତ କରେ (ଦୂରକରେ)ତାମସ (ଅନ୍ଧକାର)। ଶ୍ୱେତ-ଧଳା। ନିଃସହ-ସହି ହୁଏ ନାହିଁ। ଆନନ-ଶିରି। ନିଧି-ସଂପଦ। ତୁମର ଧଳା ଦାନ୍ତମାନେ ଆଲୋକ ବାହାର କରି ଅନ୍ଧକାରକୁ ଦୂର କରିଥାନ୍ତି। ନିଶାକର-ଚନ୍ଦ୍ର।
**ପଦ (୫) :** ନଳୀନ ହସ୍ତରେ -ପଦ୍ମଫୁଲ ପରି ହାତରେ। ନବ ଦିବ୍ୟ-ନୂଆ ସ୍ୱର୍ଗୀୟ। ନଖଦଳ ରଙ୍ଗ ନିବାସେ ଅନଙ୍ଗ-ତୁମର ନଖମାନଙ୍କର ରଙ୍ଗରେ ଅନଙ୍ଗ (କାମ ଦେବତା) ନିବାସ କରେ (ରହିଥାଏ)। ନିଷ୍କାମୀକୁ କରେ ମୋହିତ- ତୁମର ନଖଦଳ ରଙ୍ଗ କାମନାହୀନ ବ୍ୟକ୍ତି (ସନ୍ନ୍ୟାସୀ)କୁ ମୋହ କରି ରଖିଥାଏ।
**ପଦ (୬) :** ତୁମର ନାଭି (ନାହି) ପଦ୍ମଫୁଲ (ସରସୀଜ)ପରି ସୁନ୍ଦର। ସେଠାରେ ମନୋଜ (କାମଦେବ)ବାସ କରନ୍ତି (ନିବାସ)। ନବନୀତ କଟି କୋମଳ-ଅଣ୍ଟା ଅଂଶ ଲହୁଣୀ ପରି କୋମଳ। ନିତମ୍ବ (ପିଚା)ର ଗରିମା (ବୃହତାକାର)ର ଉପମା ନାହିଁ। ନିୟତି-ଭଗବାନ।
**ପଦ (୭) :** ଉରୁ-ଜଂଘ। ନିଗୂଢ-ଗୁପ୍ତ ଲୁଚି ରହିଥିବା। ନିନାଦିତ- ବାଜୁଥିବା। ମେଖଳା-କଟି ମେଖଳା, ଅଣ୍ଟାସୂତା। ନିୟୋଜିଲେ-କାମରେ ଲଗାଇଲେ। ନିୟମିତ ପଥେ-ଯେଉଁ ରାସ୍ତାରେ ସର୍ବଦା ଯିବା ଆସିବା ହୁଏ। ଖେଦ-ଦୁଃଖ।
**ପଦ (୮ରୁ ୧୨) :** ନିଖିଳ-ସମଗ୍ର। ଭୁବନ-ପୃଥିବୀ, ବିଶ୍ୱ। ଆନ-ଅନ୍ୟ। ନବବାସ-ନୂଆ ବାସସ୍ଥାନ। ରଚି-ତିଆରି କରିଛ। ନିରନ୍ତର-ସଦାବେଳେ। ନିଛକ-ପ୍ରକୃତ, ଖାଣ୍ଟି। ନିର୍ବଳ-ବଳହୀନ, ଦୁର୍ବଳ। ନିପତିତ-ପଡ଼ିବା। ନଗଦେଶେ-ପର୍ବତ ଉପରେ। ସଂସର୍ଗ-ସଂସ୍ପର୍ଶ, ଲାଗି ଯିବା। ନିସର୍ଗ-ସ୍ୱର୍ଗୀୟ। ନିଳୟ-ଗୃହ।]

**(କ୍ରମଶଃ)**

# ଯୋଗଦିବସର ମହତ୍ତ୍ୱ

ଭାଷା କଥା



**ଡ଼ଃ. ଦେବାଶିଷ ମହାପାତ୍ର**
ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

ଆଜି ବିଶ୍ୱ ଯୋଗଦିବସ। ସମଗ୍ର ବିଶ୍ୱରେ ଏହି ଦିବସକୁ ଆଜି ଖୁବ୍ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଉଛି। ବିଶ୍ୱକୁ ଗୋଟିଏ ପରିବାର ଭଳି ପରିକଳ୍ପନା କରି 'ବସୁଧୈବ କୁଟୁମ୍ବକଂ' ହେଉ କି ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ 'ସର୍ବେ ଭବନ୍ତୁ ସୁଖୀନଃ' ହେଉ, ଭାରତର ମୁନିଋଷିଗଣ ସର୍ବଦା ବିଶ୍ୱସ୍ତରରେ ନିଜ ନିଜର ଅବଦାନ ଓ ଆଭିମୁଖ୍ୟ ପାଇଁ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ଯୋଗ ବି ସେମିତି ଏକ ଅତୁଲା ଅବଦାନ, ଯାହାକି ପ୍ରାଚୀନ ଭାରତର ଗୌରବକୁ ଅକ୍ଷୁଣ୍ଣ କରି ରଖିଛି। ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ଗୌରବକୁ ଅଧିକ ଗରିମାମୟ କରିବା ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଯେଉଁ ପ୍ରସ୍ତାବ ଦେଇଥିଲେ ତାହାର ଫଳସ୍ୱରୂପ ସମଗ୍ର ବିଶ୍ୱରେ ଆଜି ଭାରତବର୍ଷର ବି ବୈଜୟନ୍ତୀ ଫରଫର ହୋଇ ଉଡୁଛି। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସେଦିନର ସେହି ପ୍ରସ୍ତାବକୁ ଉପସ୍ଥିତ ଥିବା ସଦସ୍ୟବୃନ୍ଦଙ୍କ ମଧ୍ୟରୁ ୧୭୭ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ। ପରିଷଦର ସ୍ୱୀକୃତି ଅନୁସାରେ ୨୦୧୪ ମସିହା ଜୁନ୍ ମାସ ୨୧ ତାରିଖକୁ 'ବିଶ୍ୱ ଯୋଗଦିବସ' ଭାବେ ଗ୍ରହଣ କରାଯାଇଥିଲା। ସ୍ୱାସ୍ଥ୍ୟ, ସଂହତି ସର୍ବୋପରି ମାନସିକ ଶାନ୍ତି ପାଇଁ ଜୀବନରେ ଯୋଗାଭ୍ୟାସ ଜାରି ରଖିବା ଜରୁରୀ। ପ୍ରଧାନମନ୍ତ୍ରୀ ତାଙ୍କର ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୨୦୨୫, ମାର୍ଚ୍ଚ ୩୦ ତାରିଖ ସଂସ୍କରଣରେ ଯୋଗର ଗୁରୁତ୍ୱକୁ ଖୁବ୍ ସହଜ ଓ ସରଳ ଭାବେ ଜନସାଧାରଣଙ୍କ ପାଖରେ ପହଞ୍ଚାଇ ଶାରୀରିକ ଓ ମାନସିକ ସ୍ତରରେ ଆମକୁ ସୁସ୍ଥ ରଖୁଥିବା ଯୋଗକୁ କିଭଳି ସମଗ୍ର ବିଶ୍ୱରେ ଏବେ ଆଦର ମିଳୁଛି ସେକଥା କହିଛନ୍ତି। ଆମେ ଯଦି ପ୍ରାଚୀନ ଶାସ୍ତ୍ରଗୁଡ଼ିକର ଅଧ୍ୟୟନ କରିବା ତେବେ ଅନୁଭବ କରିବା ଯେ ଆମ ଦେଶର ମୁନିଋଷିଗଣ ସମଗ୍ର ବସୁଧାକୁ ନିଜର ମନେ କରି କିଭଳି ଉଦାର ମନୋଭାବ ପରିବେଷଣ କରୁଥିଲେ। ଯୋଗର ଅନୁକୂଳ ବାତାବରଣ ଦୃଷ୍ଟିରୁ ଭାରତବର୍ଷର ଋଷିକେଶକୁ 'ବିଶ୍ୱର ଯୋଗ ରାଜଧାନୀ' କୁହାଯାଏ। ତେବେ କେବଳ ଋଷିକେଶ ନୁହେଁ, ଆମ ଦେଶର ପ୍ରତ୍ୟେକ ଅଞ୍ଚଳରେ ଏବେ ଯୋଗାଭ୍ୟାସର ଚାହିଦା ବୃଦ୍ଧି ପାଇଛି। ଯୋଗଦିବସ ପାଳନ ଆମକୁ ଯୋଗ ପ୍ରତି ଆକୃଷ୍ଟ କରିଛି। ଆସନ, ପ୍ରାଣାୟମ ଓ ଧ୍ୟାନ ଆଦିକୁ ସାମଗ୍ରିକଭାବେ ଯୋଗ ପରିସରଭୁକ୍ତ କରାଯାଇଥାଏ। ପରିସଂଖ୍ୟାନ ଦୃଷ୍ଟିରୁ



ଦେଖିଲେ ୮୪ ପ୍ରକାରର ଆସନ ଓ ଆନୁମାନିକ ପ୍ରାୟ ୩୯୯ ପ୍ରକାରର ମୁଦ୍ରା ରହିଛି। ସମଗ୍ର ବିଶ୍ୱକୁ ଯୋଗ ମାଧ୍ୟମରେ ଯୋଡ଼ିବାର ପ୍ରୟାସ କରି ଭାରତ ସଫଳ ହୋଇଛି ବୋଲି କୁହାଯାଇପାରେ। 'ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ' ଏଇ ସ୍ଲୋଗାନଟି ହୁଏତ କ୍ଷୁଦ୍ର ହୋଇପାରେ, ହେଲେ ଏହାର ଆଭିମୁଖ୍ୟ ବ୍ୟାପକ। ଯୋଗାଭ୍ୟାସ ବଳରେ ନିଜକୁ ସୁସ୍ଥ ରଖିପାରିଲେ ହିଁ ମଣିଷ, ସମାଜ ଓ ଅଞ୍ଚଳ ସର୍ବୋପରି ବିଶ୍ୱକୁ ଏକ କରିପାରିବ। ଦୃଢ଼ ସଂକଳ୍ପ, ଦୃଢ଼ ମନ ପାଇଁ ଯୋଗର ଆବଶ୍ୟକତା ରହିଛି। ଯୋଗ ଆମକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ କରିବା ସହ ଜୀବନପଥରେ ଦୃଢ଼ତାର ସହ ଅଗ୍ରସର ହେବାକୁ ଆଲୋକିତ ପଥ ପ୍ରଦର୍ଶନ କରେ। ଆସନ୍ତୁ ଆମେ ସମସ୍ତେ ଯୋଗ କରିବା, ଯୋଗର ଜୟଗାନ କରିବା।

# ଅନ୍ତର୍ଜାତୀୟ ଯୋଗ ଦିବସ



**ବିଶ୍ୱବିଜୟୀ ଦାଶ**
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ ନଂ- ୬୩୭୦୨୦୮୪୨୮

ଅନ୍ତର୍ଜାତିକ ଯୋଗ ଦିବସ ବିଶ୍ୱବ୍ୟାପୀ ଜୁନ ୨୧ ତାରିଖରେ ପାଳନ ହୁଏ। ଶରୀରକୁ ସୁସ୍ଥ, ମନକୁ ଶାନ୍ତ ଓ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ସାରା ବିଶ୍ୱରେ ଏହି ଯୋଗ ଦିବସ ପାଳନ କରାଯାଉଛି। ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ଯେ ସମ୍ଭବ, ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି। ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ



ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ଆଣିବା ଲାଗି ଏକ ସିଦ୍ଧ ଉପଚାର। ୨୦୧୪ ସେପ୍ଟେମ୍ବର ୨୭ରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଆମେରିକାର ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେଶନକୁ ପ୍ରଥମ କରି ସମ୍ବୋଧିତ କରି ଅଭିଭାଷଣରେ କହିଥିଲେ ଯେ, 'ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଜଳବାୟୁ ପରିବର୍ତ୍ତନ ହେବା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ଆମ ଭାରତୀୟ ସଂସ୍କୃତିରେ ଏହାର ମୁକାବିଲା କରିବା ପାଇଁ ଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଯୋଗକୁ କେବଳ ବ୍ୟାୟାମରେ ସୀମିତ ନରଖି ଶାସ୍ତ୍ରାନୁସାରେ ପରିବ୍ୟାପ୍ତ କରାଗଲେ ସବୁକିଛିର ପରିବର୍ତ୍ତନ କରାଯାଇପାରିବ । ତେଣୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଦିବସ ପାଳନ କରାଯିବା ଉଚିତ ।' ଏହାପରେ ଆନ୍ତର୍ଜାତିକ ସ୍ତରରେ ଏହାକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେଶନ ଦ୍ୱାରା ଡିସେମ୍ବର ୧୧,୨୦୧୪ରେ ସଂକଳ୍ପ ନିଆଯାଇଥିଲା। 'ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ। ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି। ଆନ୍ତର୍ଜାତିକ ଯୋଗ ଦିବସ ପାଳନର ପ୍ରଥମ ବର୍ଷ ୨୦୧୫ ମସିହା ଥିଲା। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟଦ୍ୱାରା ଅୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ ନୂଆଦିଲ୍ଲୀର ରାଜପଥଠାରେ ୮୪ ଦେଶର ୩୫,୯୮୫ ଜଣ ଅଂଶଗ୍ରହଣକାରୀ ଭାଗନେଇ ଦୁଇଟି ଗିନିସ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଥିଲେ। ଏଥିରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିୱାଲା, କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ସେନା ଓ ପୋଲିସର ଯବାନ, ପ୍ରଶାସନିକ ଅଧିକାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଅଧାଘଣ୍ଟା ଧରି ଯୋଗ କରିଥିଲେ। ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ବହୁ କେନ୍ଦ୍ରମନ୍ତ୍ରୀ, ବ୍ୟୁରୋକ୍ରାଟ, କୂଟନୈତିଜ୍ଞ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ୨ ହଜାର ଡିଜିଟାଲ ସିନେମା ସ୍କ୍ରିନ ବ୍ୟବସ୍ଥା କରାଯାଇଥିଲା। ଏହି ଆୟୋଜନ ୧୦ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଥିଲା। ୧୦ ବର୍ଷ ତଳେ ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ୱାଲିଅରରେ ୧୯,୯୭୩ ଜଣ ଲୋକ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଯୋଗାଭ୍ୟାସ କରିଥିଲେ । ଆଉ ଏହା ବିଶ୍ୱ ରେକର୍ଡ ହେବା ସହିତ 'ଗିନିଜ ବୁକ ଅଫ ବର୍ଲ୍ଡ ରେକର୍ଡ'ରେ ସ୍ଥାନିତ ହୋଇଥିଲା । ଏହା ସହିତ ଦେଶର ସ୍କୁଲ, କଲେଜ ଭଳି ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଘରୋଇ ଓ ସରାକାରୀ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଯୋଗ ଦିବସ ପାଳନ କରିଥିଲେ । ସେହିପରି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିଲା।

ପ୍ରାୟ ୧୯୧ଟି ଦେଶର ୨୫୧ଟି ସହରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା। ନିୟୁର୍କ ସ୍ଥିତ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖରେ ଆନ୍ତର୍ଜାତୀୟ, ରାଜ୍ୟ ସ୍ତରୀୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଯୋଗ ଦିବସ ପାଳନ କରାଯାଇଥାଏ।

ଯୋଗ କରିବା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ନିତିଦିନିଆ ଜୀବନରେ ଖାଦ୍ୟ ପାନୀୟ ପରି ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯୋଗ ପ୍ରତି ସମସ୍ତଙ୍କର ଭଲ ଧାରଣା ଥିବାବେଳେ ଏହା ଉପରେ ବେଶ ବିଶ୍ୱାସ ରହିଛି। ଡ଼ାକ୍ତରମାନେ ମଧ୍ୟ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥାଆନ୍ତି। ଡ଼ାକ୍ତରଙ୍କ ମତାନୁଯାୟୀ ଔଷଧ ସହ ଶରୀର ପାଇଁ ଯୋଗ ମଧ୍ୟ ଆବଶ୍ୟକ। ବଡରୁ ବଡ ରୋଗକୁ ମାତ୍ ଦେଉଛି ଏହି ଯୋଗ।

ଯେଉଁ ପ୍ରକାରେ ମନୁଷ୍ୟ ଜୀବିତ ରହିବା ପାଇଁ ଭୋଜନ, ନିଦ୍ରା, ନିତ୍ୟକର୍ମ ଓ ଉପାସନା ଆବଶ୍ୟକ ସେହିପରି ସକ୍ରିୟ, ପ୍ରସନ୍ନତା ପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଯୋଗ କରିବା ଉଚିତ। ମୁନି ଋଷିମାନେ ଗଭୀର ସାଧନା ତଥା ଚିନ୍ତନ ଦ୍ୱାରା ଯୋଗ ସାଧନାର ପଥ ପ୍ରଶସ୍ତ କରିଥିଲେ। ଯୋଗର ବିଭିନ୍ନ ପ୍ରକାର ଆସନ ରହିଛି। ବିଭିନ୍ନ ପ୍ରକାରର ଯୋଗାସନ ଅଭ୍ୟାସ କରିବା ଦ୍ୱାରା ଜୀବନରେ ନୂତନତା ଭରିଯାଏ ଓ ପ୍ରଫୁଲ୍ଲିତ ଅନୁଭବ ହୋଇଥାଏ। ଶାରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିଥାଏ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ବିକାଶ ପାଇଁ ମଧ୍ୟ ଯୋଗାସନର ବିଶେଷ ମହତ୍ତ୍ୱ ରହିଛି। ଏହା ଏକ ଦୃଢ ମନ ତଥା ସୁସ୍ଥ ଶରୀର ଗଠନରେ ମଧ୍ୟ ସହାୟକ ହୋଇଥାଏ। ମାନସିକ, ଶାରିରୀକ ଓ ମନସ୍ତାତ୍ତ୍ୱିକ ଆହ୍ୱାନଗୁଡିକର ସମ୍ମୁଖୀନ ହେବା ପାଇଁ ଯୋଗ ସାହାଯ୍ୟ କରିଥାଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**



## ସୁନା ଝିଅ

**ବେବୀଲତା ଶତପଥୀ**

ମାମା ବାବାଙ୍କୁ ହଠାତ୍ ଦେଖି ଖୁସିରେ ଆତ୍ମହରା ହେଇଯାଉଥିଲା ବର୍ଷା, କହିଲା- ମାମା ବାବା କ'ଣ ଫୋନ୍ ନକରି ଚାଲିଆସିଲ, ମତେ ଆଗରୁ କହିଥିଲେ, ଅନ୍ତତଃ ମୁଁ ଏୟାରପୋର୍ଟ ଯାଇ ନେଇଆସିଥାନ୍ତି, ବାଟରେ କିଛି ଅସୁବିଧା ହେଇନି ତ । ତୁମେମାନେ ତ ବାଟରେ କିଛି ଖାଇନଥିବ, ଜଲ୍‌ଦି ଫ୍ରେଶ ହୁଅ, ତମ ପାଇଁ କିଛି ବନେଇ ଦଉଛି ସାଙ୍ଗେ ସାଙ୍ଗେ। ବାବା ତୁମ ପାଇଁ ଚା' ମୁଁ ଗୋଟେ ମିନଟ୍‌ରେ କରି ଦଉଚି, ଡା ନା ନା, ଯା କହି ମାମାକୁ ଧରି ଘୁରି ବୁଲିଲା ବର୍ଷା, ମାମା ତାର କହିଲେ- ଆଉ କ'ଣ ପଚାରିବୁ ନା ସରିଲା ତୋର, ତୁ ଯା' ବାବା ସାଙ୍ଗେ କଥା ହ, ମୁଁ ଯାଇ କିଚେନ୍‌ରେ ଦେଖୁଚି, ହାଁ ହାଁ ମାମା, ବସିଯା, ତୁ ଏଇଠି ବସିଯା, ତୁ ଖାଲି ଦେଖ, ମୁଁ କ'ଣ କରୁଚି, ମୁଁ ଏଇ ଗଲି ଆଉ ଆସିଲି। ହାତରେ ଚା' ସ୍ନାକ୍ସ ଧରି ଗେହ୍ଲା ଝିଅ ବର୍ଷା ଟିପଏ ଉପରେ ଥୋଇଦେଲା। ଚା'ର ରଙ୍ଗ ଆଉ ବାସ୍ନାରୁ ମାମା ତାର ଜାଣିଦେଇଥିଲେ ଚା'ଟା ନିଶ୍ଚୟ ଏକ ନମ୍ବର ହୋଇଛି। ତାପରେ ବର୍ଷା ଚାଲିଲା ରୋଷେଇ ଘରକୁ, ମାତ୍ର ପଇଁଚାଳିଶ ମିନିଟ୍ ଭିତରେ ଖାଇବାକୁ ପରଷି ଦେଲା- ଭାତ, ଡାଲମା, ଆଳୁ ଚଟଣୀ, ବାଇଗଣ ଚିପ୍ସ, ଅଣ୍ଡା ଆମ୍‌ଲେଟ୍, ପୋଟଳ ଆଳୁ ଭଜା, ସାଲାଡ଼, ପାମ୍ପଡ଼ ଇତ୍ୟାଦି।

ମାମା ତାର ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ, ଘରଦ୍ୱାର ସୁସଜ୍ଜିତ, ପ୍ରତ୍ୟେକ ଜିନିଷ ଯଥା ସ୍ଥାନରେ ଅଛି। ଡାଇନିଙ୍ଗ ଉପରେ ଅତି ସୁନ୍ଦର ଭାବରେ ଖାଦ୍ୟପଦାର୍ଥ ବଢ଼ା ହୋଇଯାଇଥିଲା । ଜ୍ୱାଇଁଙ୍କ ଠାରୁ ଝିଅର ପ୍ରଶଂସା ଶୁଣି ମା' ବାପା ଭାରି ଖୁସି ହୋଇଗଲେ। ଖାଇବା ସମୟରେ ବାବା ଜ୍ୱାଇଁଙ୍କୁ କହିଲେ, କଥା କ'ଣ କି ବାପା, ଝିଅର ନୂଆ ସାବିତ୍ରୀ ତ, ଭାବିଲୁ ଯାଇ ପହଞ୍ଚି ସରପ୍ରାଇଜ ଦେବୁ, ଦେଖି ଆସିବୁ ତମେ ଦୁହେଁ କେମିତି ଚଳୁଛ, ନୂଆ ସଂସାର କେମିତି ଚାଲିଛି। ଆପଣ ଭଲ କଲେ ବାବା, ସତ କଥା ହେଲା, ଏତେ ଖୁସି ଲାଗିଲା ଯେ, ଫୋନ୍ କରି ଆସିଥିଲେ ସେତିକି ଖୁସି ଲାଗିନଥାନ୍ତା। ବାବା ହସିଦେଲେ- ଝିଅକୁ ଚାହିଁ କହିଲେ, ଏତେ ସବୁ ମ୍ୟାନେଜ୍ କରୁଚୁ କେମିତି ? ବର୍ଷା ହସିକି ବାବାଙ୍କୁ କହିଲା, ସକାଳୁ ଜଲ୍‌ଦି ଉଠୁଚି, ନିତ୍ୟକର୍ମ, ଠାକୁର ପୂଜା, ରୋଷେଇ, ତାପରେ ଟିଫିନ୍ ପ୍ୟାକ୍ ଆଉ ତାପରେ ଅଫିସ୍, ଅଫିସ୍‌ରୁ ଆସି ତୁମପରି ତୁମ ଜ୍ୱାଇଁ ଆଉ ମୁଁ ମିଶିକି ଚା' ପିଉ । ତାପରେ ଜିମ୍, ଡ୍ୟାନ୍ସ କ୍ଲାସ୍ ତାପରେ ରାତି ପାଇଁ ରୋଷେଇ । ବାବା କହିଲେ- ଆରେ ମା', ଏତ ଗଲା ତୁମ କଥା, ଆଉ ତୋ ପରିବାର ପାଇଁ କେତେବେଳେ ସମୟ ଦେବୁ ମାନେ ମୁଁ ତୋ ଶାଶୂଘର କଥା କହୁଛି। ମାନେ ତୋ ଶାଶୂ, ଶଶୁର, ନଣନ୍ଦଙ୍କ ପାଇଁ। ବର୍ଷା ହସି କହିଲା, ବାବା, ସେ କଥା ମୁଁ ଚିନ୍ତା କରି ଗୋଟେ ସିଡ୍ୟୁଲ୍ ବନେଇଚି। ତମେ ଶୁଣିବ ବାବା, ତମ ଝିଅ କେମିତି ସବୁଥିରେ କମାଲ୍ କରୁଛି। ଆର ମାସରେ ସେମାନେ ଆସୁଛନ୍ତି, ଆଉ ୪ ମାସ ରହିବେ ବୋଲି ମୁଁ ପ୍ଲାନିଙ୍ଗ କରିସାରିଛି। ଜ୍ୱାଇଁ କହିଲେ, ବାବା ମୋର ବର୍ଷା ଉପରେ ପୁରା ଭରସା ଅଛି, ସେ ସବୁକିଛି ଆରାମ୍‌ରେ ଚଳେଇନେବ, ଆପଣମାନେ ଜମାରୁ ବ୍ୟସ୍ତ ହୁଅନ୍ତୁନାହିଁ ।

ମାମା ଖାଲି ଝିଅକୁ ଦେଖୁଥାନ୍ତି- ଭାବୁଥିଲେ ଇଏ କ'ଣ ମୋର ସେଇ ଝିଅ, ଯେ ଦିନ ୧୦ଟାରେ ବିଛଣା ଛାଡୁଥିଲା । ଦିନରେ ନିଜର ଖାଇବା ବାସନ ଖଣ୍ଡକ ନ ଧୋଇବା ପାଇଁ ନାନା ବାହାନା ଖୋଜୁଥିଲା । ଦିନସାରା ଚୁଲ୍‌ବୁଲ୍ ପ୍ରଜାପତି ପରି ଘୁରି ବୁଲିବାକୁ ପସନ୍ଦ କରୁଥିଲା । ସବୁଦିନ ରାତିରେ ବାହାରୁ ମଗେଇ ଖାଉଥିଲା । ଘରେ କାମଟିଏ କ'ଣ କହିଲେ ଗୋଡ କଚାଡି ଦେଉଥିଲା । ରୋଷେଇ ସରିଲେ ଆଗ ଖାଉଥିଲା ଥଣ୍ଡା ହୋଇଯିବ ବୋଲି ।

ନିଜକୁ ବିଶ୍ୱାସ କରିପାରୁନଥିଲେ ବର୍ଷାର ମାମା। ଏତେ ଦାୟିତ୍ୱବୋଧ, ପରକୁ ଆପଣାର କରିବାର ନିଆରା ଭାବ, ଯେମିତି ସେ ପରିବାରକୁ ସେ ଏତେ ନିଜର କରିଛି ଯେ ଆମକୁ ଭୁଲି ଗଲାଣି, ସବୁ ଝିଅମାନେ ଯଦି ଏମିତି ଚଳନ୍ତେ ସମାଜରେ ଝିଅର ବାପା ମା'ମାନେ ଶାନ୍ତିରେ ନିଶ୍ୱାସ ମାରନ୍ତେ । ସେ ଖୁସିରେ ବିଭୋର ହୋଇ ଦେଖୁଥିଲେ ତାଙ୍କ 'ସୁନା ଝିଅକୁ' ।

*ପଦ୍ମାଲୋକ, କେ -୪, କଳିଙ୍ଗବିହାର, ଭୁବନେଶ୍ୱର*

## ପାଇଛୁ... ପଢ଼ିଛୁ...

### 'ସ୍ୱାସ୍ଥ୍ୟ ସମ୍ପଦ' ଏବଂ 'ସ୍ୱାସ୍ଥ୍ୟ ଚେତନା'




ପ୍ରକାଶ ପାଇଛି ଡା. ଚତୁର୍ଭୁଜ ଭୂୟାଁଙ୍କ ସ୍ୱାସ୍ଥ୍ୟଜ୍ଞାନକୁ ନେଇ ଦୁଇଟି ପୁସ୍ତକ 'ସ୍ୱାସ୍ଥ୍ୟ ସମ୍ପଦ' ଏବଂ 'ସ୍ୱାସ୍ଥ୍ୟ ଚେତନା'। ଶରୀର ଅଛିତ ତ ରୋଗ ଅଛି। ରୋଗ ଅଛି ତ ତାହାର ନିରାକରଣ ମଧ୍ୟ ଅଛି। ମଣିଷର ଜୀବନଧାରଣ ପାଇଁ ପ୍ରଥମେ ତାର ସ୍ୱାସ୍ଥ୍ୟ ଠିକ୍ ରହିବା ଆବଶ୍ୟକ। ମଣିଷ ଥରେ ରୋଗାକ୍ରାନ୍ତ ହୋଇଗଲେ ଧନ ସଂପତ୍ତି, ଖାଦ୍ୟପେୟ, ବନ୍ଧୁକୁଟୁମ୍ବ, ଘରଦ୍ୱାର ସବୁକିଛି ତାକୁ ତୁଚ୍ଛ ଲାଗେ। ମନ ଉଦାସ ହୋଇଯାଏ। ସେଥିପାଇଁ କୁହନ୍ତି ଶରୀରମ ଆଦ୍ୟଂ ଖଳୁ ଧର୍ମ ସାଧନମ୍। କୁହାଯାଏ ଭଗବାନ ବୁଦ୍ଧ ମଧ୍ୟ ଶରୀର ତତ୍ତ୍ୱ ବିଷୟରେ ଅବଧାରଣା କରି ପ୍ରଥମେ ଖାଦ୍ୟ ଗ୍ରହଣ, ପରେ ତପୋସାଧନାକୁ ପ୍ରାଧାନ୍ୟ ଦେଇଥିଲେ। ତେଣୁ ପ୍ରଥମେ ଆମକୁ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ହେବ। ଡାକ୍ତର ଚତୁର୍ଭୁଜ ଭୂୟାଁଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ପୁସ୍ତକ ପ୍ରକାଶିତ ହୋଇ ରୋଗୀଙ୍କୁ ଉପକୃତ ହେବାର ବାଟ ଦେଖାଇଛି। ନିରନ୍ତର ନିଜ ସାଧନାରେ ରତ ଡାକ୍ତର ଭୂୟାଁ ମଣିଷ ସାଧାରଣ ଜୀବନରେ ଭୋଗୁଥିବା ରୋଗଗୁଡିକୁ ନେଇ ଆଜୀବନ ଗବେଷଣା କରି ଆସିଛନ୍ତି ଏବଂ ସଫଳତା ମଧ୍ୟ ଲାଭ କରିଛନ୍ତି। 'ସ୍ୱାସ୍ଥ୍ୟ ସମ୍ପଦ' ପୁସ୍ତକରେ ଶ୍ରୀ ଭୂୟାଁ ମୁଣ୍ଡବ୍ୟଥା, ଅଧକପାଳି, ଥଣ୍ଡା ଜ୍ୱରଠୁ ଆରମ୍ଭ କରି ଶ୍ୱାସ ରୋଗ, ଆଲର୍ଜି, ଜଣ୍ଡିସ୍, ବାନ୍ତି, ଶୂଟୀବାଇ, ମୋଟାପଣ, ଭେରିକୋଜ ଭେନ୍, ସ୍ପଣ୍ଡିଲାଇଟସ୍ ପ୍ରଭୃତି ଅନେକ ରୋଗର କାରଣ ଏବଂ ତାହାର ନିରାକରଣ ବିଷୟରେ ବିସ୍ତାରିତ ଭାବେ ବର୍ଣ୍ଣନା କରିଛନ୍ତି। ସେହିପରି 'ସ୍ୱାସ୍ଥ୍ୟ ଚେତନା' ପୁସ୍ତକରେ ସ୍ୱାସ୍ଥ୍ୟ ଓ ଯୋଗ, ରୋଗ ପ୍ରତିରୋଧ କ୍ଷମତା, ସୁସ୍ଥ ଯୌନଜୀବନଠୁ ଆରମ୍ଭ କରି ପିୟୁଷ ଗ୍ରନ୍ଥି, ହରମୋନସ୍, ଟିଟାନି, ନିପା ରୋଗ, ତମାଖୁ ନିଶା ପ୍ରଭୃତି ଉପରେ ବିଶଦ ଆଲୋଚନା କରିଛନ୍ତି। ଉଭୟ ପୁସ୍ତକ ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି, ଓଡ଼ିଶା, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହୋଇଛି। 'ସ୍ୱାସ୍ଥ୍ୟ ଚେତନା' ୧୮୮ ପୃଷ୍ଠାର ହୋଇଥିବା ବେଳେ ଏହାର ମୂଲ୍ୟ ରହିଛି ୨୭୦ ଟଙ୍କା ଏବଂ 'ସ୍ୱାସ୍ଥ୍ୟ ସମ୍ପଦ' ୨୦୦ ପୃଷ୍ଠାର ହୋଇଥିବା ବେଳେ ଏହାର ମୂଲ୍ୟ ମଧ୍ୟ ରହିଛି ୨୦୦ଟଙ୍କା।




### ମୃଗତୃଷ୍ଣା




ପ୍ରକାଶ ପାଇଛି ସୁଲେଖିକା ସୁନୀତା କରଙ୍କ ତୃତୀୟ ଗଳ୍ପ ସଂକଳନ 'ମୃଗତୃଷ୍ଣା'। ସୁନୀତା ବର୍ତ୍ତମାନ ସମୟର ଜଣେ ଆଗଧାଡିର ଗାଳ୍ପିକା। ବିଭିନ୍ନ ପତ୍ର/ପତ୍ରିକାରେ ତାଙ୍କ ଗଳ୍ପ ସବୁ ପ୍ରକାଶିତ ହୋଇ ପାଠକଙ୍କୁ ଛୁଇଁପାରିଛି। ମାନବବାଦ ଏବଂ ଗଭୀର ଅନୁଭବର ସାନ୍ଦ୍ରତା ତାଙ୍କ ଗଳ୍ପରେ ବାରି ହୋଇ ପଡେ। ଜୀବନର ଛୋଟ ଛୋଟ ଅନୁଭୂତିକୁ ବାନ୍ଧି ରଖିବା ସହଜ କଥା ନୁହେଁ ପୁଣି ତାକୁ ନେଇ ଗଳ୍ପ ଗଠନ ଆହୁରି କଷ୍ଟ। ବୃତ୍ତିରେ ସୁନୀତା ଜଣେ ବ୍ୟାଙ୍କ ଅଧିକାରୀ। କର୍ମମୁଖର ଜୀବନ ତାଙ୍କର। ତଥାପି ସାହିତ୍ୟ ପ୍ରତି ରହିଛି ତାଙ୍କର ଅସମ୍ଭବ ଆକର୍ଷଣ ଯାହାକୁ ସେ କଦାପି ଏଡାଇ ଯାଇନାହାନ୍ତି। ବ୍ୟସ୍ତତା ଭିତରେ ସାହିତ୍ୟରୁ ଜିଇଁବାର ସ୍ୱାଦ ଖୋଜିଛନ୍ତି। ତାଙ୍କର ପ୍ରତିଟି ଲେଖା ଯେମିତି ହୃଦୟରୁ ଉତୁରିଛି। ପ୍ରକୃତରେ ଜଣେ ଲେଖକ ଯେଉଁ ଚରିତ୍ରକୁ ନେଇ ଲେଖେ ସେହି ଚରିତ୍ରକୁ ନିଜେ ଭୋଗିଥାଏ, ଅନ୍ୟଥା ଲେଖାଟି ଭଲ ଉତୁରେ ନାହିଁ। ମାତ୍ର ସୁନୀତାଙ୍କ କ୍ଷେତ୍ରରେ ତାହା ଘଟିନାହିଁ। ସେ ଯାହା ଭୋଗିଛନ୍ତି ତାକୁ ନେଇ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି। ତାଙ୍କ କଳା କୌଶଳରେ ଜୀବନ୍ତ ହୋଇଉଠିଛନ୍ତି ଗଳ୍ପର ପ୍ରତିଟି ଚରିତ୍ର। ଗଳ୍ପ ହୋଇଛି ମହନୀୟ। ଖୁବ ଚତୁର ଭାବେ ସେନ୍ସ ଅଫ ହ୍ୟୁମରର ପ୍ରୟୋଗ କରିଛନ୍ତି ସୁନୀତା। ଗଳ୍ପ ସବୁର କଳେବର ମଧ୍ୟ କ୍ଷୁଦ୍ର ଯାହା ଏକା ନିଶ୍ୱାସରେ ପଢିବା ପାଇଁ ପାଠକକୁ ଆଦୌ ଅସୁବିଧା ହେବନାହିଁ। ସାମାଜିକ ସମସ୍ୟା ଓ ତାହାର ସମାଧାନ ଖୁବ ସୁନ୍ଦର ଭାବେ କରିପାରିଛନ୍ତି। ପ୍ରତିବାଦର ସ୍ୱର ରହିଛି ତାଙ୍କ ତାଙ୍କ ଗଳ୍ପରେ ମାତ୍ର ତାହା କୋମଳ ଭାବେ। ଭାଷା ତାଙ୍କର ଅତି ସରଳ ଅଥଚ ଗଳ୍ପ ସବୁ ଭାବ ଗମ୍ଭୀର, ସମସ୍ୟା ବହୁଳ। ବର୍ତ୍ତମାନ ସମୟରେ ପାଠକ ଯେଉଁପରି ଗଳ୍ପ ଚାହୁଁଛନ୍ତି ସୁନୀତାଙ୍କ ଗଳ୍ପରେ ସେହିସବୁ ତଥ୍ୟ ଭରିରହିଛି। ଏହି ପୁସ୍ତକରେ ରହିଛି ସମୁଦାୟ ୩୩ଟି ଗଳ୍ପ। ଗଳ୍ପଗୁଡିକ ମଧ୍ୟରେ ରହିଛି 'ଶୁଖିଲା ନଈର ଓଦା କାହାଣୀ, ଇନ୍ଦ୍ରଜାଲ, ସ୍ୱପ୍ନାବିଷ୍ଟ, ସିଣ୍ଡ୍ରେଲାର ସିନାଉଲି, ନକ୍ଷତ୍ର, ମହାକର୍ମା, ପ୍ରତିକ୍ଷା ପ୍ରଭୃତି। ପୁସ୍ତକଟି ପାଠକଙ୍କୁ ପସନ୍ଦ ଆସିବ ଏଥିରେ ସନ୍ଦେହ ନାହିଁ। ଏଥେନା ବୁକ୍ସ ଦ୍ୱାରା ପ୍ରକାଶିତ ୨୦୦ପୃଷ୍ଠାର ଏହି ପୁସ୍ତକର ମୂଲ୍ୟ ରହିଛି ୨୫୦ଟଙ୍କା।

## 'ଅଣସର ଘରେ ବଡ଼ଠାକୁର'

**ସତ୍ୟବ୍ରତ ସାହୁ**



ଶହେ ଆଠ ଗରା ଜଳେ ସ୍ନାନ ପରେ ହୋଇଗଲା ତିନି ଦିଅଁଙ୍କୁ ଜ୍ୱର  
ଉପଶମ ପାଇଁ ଔଷଧ ଖାଆନ୍ତି ଅଣସର ଘରେ ବଡ଼ଠାକୁର । (୦)

ରତ୍ନସିଂହାସନ ଶୂନ୍ୟ ପଡ଼ିଅଛି ପ୍ରଭୁ ରହିଛନ୍ତି ଅନ୍ଧାର ଘରେ  
ରୁଚୁ ନାହିଁ ବୋଲି ଅନ୍ନଭୋଗ ତାଙ୍କୁ ଉଦର ଭରଇ ଫଳ, ପଥିରେ  
ଚଉଦ ଦିନର ଗୃହବନ୍ଦୀ ପରେ ନବ ଯଉବନ ବେଶେ ହେବେ ହାଜର।  
ଶହେ ଆଠ ଗରା ....(୧)



ଗରଭଗୃହରେ ପଟିଦିଅଁମାନେ ପୂଜା ପାଉଥିବା ବେଳେ  
ବ୍ରହ୍ମଗିରି ଠାରେ ଅଲାରନାଥଙ୍କୁ ଦେଖି କୋଟି ପୂଣ୍ୟ ମିଳେ  
ଫୁଲୁରି ତେଲରେ ଘଷା ମୋଡା ଖାଇ ମୋଦକ ସେବନେ ତାଙ୍କ ଛାଡ଼ଇ ଜ୍ୱର ।  
ଶହେ ଆଠ ଗରା ....(୨)

ସ୍ନାନ ପୂର୍ଣ୍ଣିମାଠୁ ନେତ୍ରୋତ୍ସବ ଯାଏ ଅଣସରେ ଥାଇ ପାଆନ୍ତି ସେବା  
ମାନବୀୟ ଲୀଳା କରନ୍ତି ଠାକୁରେ କି ଉପମା ଅବା ପ୍ରଭୁଙ୍କ ଦେବା  
ଉଭା ଅମାବାସ୍ୟା ପାବନ ତିଥିରେ ରତ୍ନ ସିଂହାସନେ ପ୍ରଭୁ ଦର୍ଶନ କର ।  
ଶହେ ଆଠ ଗରା...(୩)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର- ୭୫୫୦୩୬*

## ବିବେକ

**ବିନୟ କୁମାର ମିଶ୍ର**

ଘର ଗୋଟି ପରା ବୈକୁଣ୍ଠ ସମାନ ସଦା ଶାନ୍ତି ଶ୍ରଦ୍ଧା ଭରା,  
ନାହିଁ ହିଂସା ଦ୍ୱେଷ କାତରତା ଭାବ  
ମମତା ଆବେଗ ଝରା,  
କଳି ତକରାଳ ନାହିଁ,  
ଆପଣାର ସର୍ବେ ବିନା କାରଣରେ ମହାଭାରତ ବା କାହିଁ ?

ନାହାନ୍ତି କେ ଘରେ ଶକୁନି କି କର୍ଣ୍ଣ ଦୁର୍ଯୋଧନ ଦୁଃଶା ଭାଇ,  
ଯୌଥ ପରିବାର ନାହିଁ ଆଜିକାଲି ଏକକ ଗଲେଣି ହୋଇ,  
ଭୁଲି ଯାଇ ବାପ ଭାଇ,  
ଭଉଣୀ ବାନ୍ଧବ କାହା ପାଇଁ ଟିକେ ଆନ୍ତରିକ ସ୍ନେହ ନାହିଁ।

ଅକର୍ମା ହୋଇଲେ ଅଳସୁଆ ହେଲେ ଗୁରୁଜନେ କହିଥାନ୍ତି,  
ଆକଟ କେବଳ ତାହା ଆମ ପାଇଁ ମଙ୍ଗଳ ମନାସୁଥାନ୍ତି,  
କିଏ କହେ ଭୁଲ କଲେ,  
ତାକୁ ଯଦି ମହାଭାରତ ଭାବିବା ଚାଲି ହେବ କି ସଂସାରେ।

ସ୍ୱାର୍ଥ ଅର୍ଥ ପାଇଁ ପରମାର୍ଥ ଭାବ ଲୁଚିଗଲାଣି ସବୁଠି,  
ଯେଝା ବାଟେ ଯିଏ ଯେମିତି ଅଛନ୍ତି ସ୍ନେହଟି ନାହିଁ କେଉଁଠି,  
ନିଜେ ତ ଖଳ ନାୟକ,  
ଖୋଜିବ କାହିଁକି ଅନ୍ୟ କେଉଁଠାରେ ଲଗାଅ ନିଜ ବିବେକ ।

*ମଲ୍ଲୀପୁର, ନିଆଳି, ଖୋର୍ଦ୍ଧା*

## ଯୋଗ କରେ ଦେହ ହିତ...

**ରାମଚନ୍ଦ୍ର ବେହେରା**

ବହୁ ପୁରାକାଳେ ମୁନୀ ଋଷୀମାନେ  
ନେଉଥିଲେ ଯୋଗ ଦୀକ୍ଷା  
ସୁସ୍ଥ ଓ ସବଳ ଶରୀରକୁ ରଖି  
କରୁଥିଲେ ସ୍ୱୟଂ ରକ୍ଷା।  
ବଡି ସକାଳରୁ ଖୋଲାରେ ବୁଲିଲେ  
ସୂର୍ଯ୍ୟ କିରଣ ପରଶେ  
ଶରୀରକୁ ମିଳେ ଭିଟାମିନ୍ ବଳ  
ମନେ ଚଂଚଳତା ଆସେ।  
ନିତି ଯୋଗ କଲେ ମନ ରୁହେ ସ୍ଥିର  
ରକ୍ତ ହୁଏ ଗତିଶୀଳ  
ମାଂସ ପେଶୀ ଆମ ହୋଇଥାଏ ଦୃଢ  
ଦେହକୁ ମିଳଇ ବଳ।  
ଯୋଗର ପ୍ରକାର ରହିଛି ଅନେକ  
ଭିନ୍ନ ବର୍ଗ ଲୋକ ପାଇଁ  
ନୀତି ନିୟମରେ ଯୋଗାଭ୍ୟାସ କଲେ  
ଉତ୍ତମ ଫଳ ମିଳଇ।  
ପରିଶ୍ରମ କଲେ କର୍ମ ରୂପେ ଯୋଗ  
ଶରୀରରେ ଦେଖା ଦିଏ  
ଅଳସ ପଣକୁ ଦୂରେଇଲେ ମନୁ  
ସୁସ୍ଥ ଅନୁଭବ ହୁଏ।  
ବିଷାଦପଣକୁ ଦୂରେଇ ପରାଣୁ  
ଯୋଗ କରେ ଦେହ ହିତ  
ଶରୀରକୁ ରଖେ ସଦା ରୋଗମୁକ୍ତ  
ଖୁସି ବାଣ୍ଟେ ଅପ୍ରମିତ।  
ଆସ ବିଶ୍ୱ ଯୋଗ ଦିବସରେ ଆମେ  
ହୃଦୟେ କରିବା ପଣ  
ଯୋଗାଭ୍ୟାସ କରି ସହର୍ଷେ ଜୀଇଁବା  
ଜୀବନ ହୋଇବ ଧନ୍ୟ।

*ତେନ୍ତୁଳିପଦା, ଜଗତସିଂହପୁର*  
*ମୋ-୭୩୫୫୬୩୪୩୪୬*





## ବଜ୍ରପାତ

**ଡ଼ ସୀତାକାନ୍ତ ତ୍ରିପାଠୀ**

କେଉଁଠି କେଜାଣି ଥିଲା ଅଦିନିଆ ବର୍ଷା ସାଂଗକୁ କୁଆ ପଥର ଆଉ ବଜ୍ରପାତ ଟିକିଏ ବି ଦେଲାନାହିଁ ଫୁରସତ୍ ଭାବିବାକୁ କେମିତି ଟିକେ ନିଜକୁ ବଞ୍ଚାଇହେବ ବୋଲି।

କିଏ ମଝି ବିଲରେ ତ ପୁଣି ଆଉ କିଏ ରାସ୍ତା କଡ ଗଛ ମୂଳରେ ଖୋଜୁଛନ୍ତି ନିରାପଦ ସ୍ଥାନ, ସବୁଠି ତ ଫୁଙ୍ଗୁଳା, ମୁକୁଳା ଆଉ ଖୋଲା ମେଲା ଜାଗା, ନିଜକୁ ଲୁଚାଇ ରଖିବାର ପ୍ରୟାସ ସବୁ ଫେଲ୍।

ତାରି ଭିତରେ କିନ୍ତୁ ବଞ୍ଚିବାକୁ ଆଉ ବଞ୍ଚେଇବାକୁ ପଡ଼ିବ, ସତର୍କତାର ସହିତ କାରଣ ଏହା କଣ କହି ବୋଲି ଆସେ ନା ଆସିବ, କିନ୍ତୁ ନ କହିବା ଭିତରେ କହିବା ଆଉ କହିବା ଭିତରେ ନକହିବା କଥାକୁ ବୁଝିବାକୁ ହେବ । ବଜ୍ରପାତ କାଳେ ଭଗବାନଙ୍କ ଅଭିଶାପ ! କାହାକୁ ମାରିବ ଆଉ କାହାକୁ ତାରିବ ସେକଥା ତାକୁ ହିଁ ଜଣା, କିନ୍ତୁ ଆମ ପାଇଁ ସେ କଥା ଅଜଣା, ତାରି ଭିତରେ ବଞ୍ଚି ରହେ ଆମରି ପ୍ରାର୍ଥନା ଆଉ ଅନେକ ଶୋଚନା।

*ଅର୍ଣ୍ଣପାଳ, ଭଦ୍ରକ*  
*ମୋ- ୯୭୭୮୭୬୪୩୯୪*

## ଡାଏରୀ

**କବିତା ମହାନ୍ତି**



ଆଜିକାଲି ଆଉ ପ୍ରେମ କବିତା କାହିଁ  
ଡାଏରୀରେ ଲେଖିବାକୁ  
ହଁ, ଦିନ ଥିଲା  
ଡାଏରୀର ରଙ୍ଗ ବି  
ଗୋଲାପୀ ଗୋଲାପୀ ଦିଶୁଥିଲା  
ଠିକ୍ ପ୍ରେମିକାର ଓଠ ରଙ୍ଗ ପରି

ଡାଏରୀ ସେବେ ଲାଜେଇ ଯାଉଥିଲା  
ପ୍ରେମିକାର ଲାଜୁଆ ମୁହଁ ଭଳି  
କଣେଇ କଣେଇ ହସୁଥିଲା  
ଯେବେ ଶବ୍ଦ ସବୁ ହସୁଥିଲେ  
ବାସୁଥିଲେ  
ପ୍ରତିଯୋଗିତା କରୁଥିଲେ  
କିଏ ଆଗରେ ରହିବ  
କିଏ ପଛରେ  
ପୃଷ୍ଠା ସବୁ ରଙ୍ଗୀନ ହେଉଥିଲେ  
କେବେ ନାଲି ତ କେବେ ନୀଳ  
ଘନନୀଳ ଅବା କଳାକଲମ ମୁନରେ

ସେଦିନ ଗୁଡାକରେ  
ଡାଏରୀ କେତେ ଲୁଚକାଳି ଖେଳୁଥିଲା  
କେବେ ତକିଆ ତଳେ  
ଆଉ କେବେ ବହି ଥାକ ଭିତରେ  
ନହେଲେ ଆଲମୀରା ଭିତରେ

କେତେ ଛକା ପଞ୍ଝା ଖେଳ ଚାଲିଥିଲା  
ଘରେ ବାହାରେ  
କାଳେ କେହି ପଢ଼ିଦେବ  
ଅନ୍ତରଙ୍ଗ ହୃଦୟର କଥା ଓ ବ୍ୟଥା  
ପଦାରେ ପଡ଼ିଯିବ

ସମୟ ବଦଳିବା ସାଙ୍ଗେ ଡାଏରୀର ରଙ୍ଗ  
ଜାଗା, କୋଡପତ୍ର ସବୁ ବଦଳିଛି  
ଏବେ ଖାଲି ପୃଷ୍ଠା ଖୋଲିଲେ  
ଇଟା, ସିମେଣ୍ଟ, ତେଜରାତି ଖର୍ଚ୍ଚର  
ତାଲିକା  
କାମବାଲୀ, ଡ୍ରାଇଭରକୁ ଦେଇଥିବା  
ଅଗ୍ରୀମ ରାଶି  
କୁଆଡେ ଗଲେ ଆସିଲେ  
ତାର ହିସାବ ତାଲିକା  
ଏମିତି କିଛି ଅନାବନା ଲେଖା

ଏବେ ଆଉ ଡାଏରୀ ଲୁଚୁ ନାହିଁ  
ଖୋଲା ମେଲା ହୋଇ  
ସେଣ୍ଟର ଟେବୁଲ ଉପରେ  
ସେଇ ଗୋଟିଏ କଳା କଲମ ଛାତିରେ ଗୁଞ୍ଜି  
ପଡ଼ି ରହିଛି  
ଘରେ କେହି  
ଆଡ ଆଖିରେ ବି  
ଚାହୁଁ ନାହାନ୍ତି ତା ଆଡେ  
ସମୟ ସାଙ୍ଗରେ  
ଡାଏରୀ ବି ବେସୁରା ହୋଇଛି ।

*ଶୈଳ ନିବାସ, ବମିଖାଲ, ଭୁବନେଶ୍ୱର*  
*ମୋ- ୯୯୩୭୩୪୮୨୫୦*

## କେହି ଜଣେ ନ ଥାନ୍ତା !

**ମଦନ ମୋହନ ମହାପାତ୍ର**



କେହି ଜଣେ ନ ଥାନ୍ତା !  
ଯାହା ସାଥିରେ ବାଣ୍ଟି ହୁଅନ୍ତା ନୀରବତା,  
ନିଶୁନ ସମୁଦ୍ର ବେଳାର ପାଦ ଚଲା ରାସ୍ତା ।  
ପହଁରି ହୁଅନ୍ତା ସାରା ଆକାଶ ରାତି ଅଧରେ,  
ଟିମ୍ ଟିମ୍ ସ୍ୱପ୍ନ ମାନଙ୍କ ସାଥିରେ ।  
ଛପା ଛପା ଛାଇ ଆଲୁଅରେ,  
ଖୋଜିବା ଓ ପାଇବାର ଲୁଚକାଳି ଖେଳରେ ।  
ଶୋଇ ଶୋଇ ଛୁଇଁ ହୁଅନ୍ତା ଫଗୁଣର ଚୁଲ୍‌ବୁଲି ମନ,  
ଶିଶିର ଗାଧୁଆ ଘାସ ଫୁଲଟିର ବର୍ଣ୍ଣାଳୀ,  
ରକ୍ତର ଉଷ୍ମତା ଓ କୁଆଁରୀ ସପନ ।

କେହି ଜଣେ ନ ଥାନ୍ତା !  
ଯାହାର ଛାତି ଉପରେ ହାତପାପୁଲିରେ  
ଆସନ୍ତା ପୁନେଇଁ ର ଜହ୍ନ,  
ଖୋଲି ଯାଆନ୍ତା ନୀଳକଇଁର ପାଖୁଡା  
ଦେହର କୋଣ ଅନୁକୋଣ ।  
ହୃଦୟର ଅଛୁଆଁ ଇଲାକା,  
ସଂକୀର୍ଣ୍ଣ ଗଳିର ନିଷିଦ୍ଧ ଅନ୍ଧକାର ରାସ୍ତା ।  
ପ୍ରଭାତର ରୋଷଣୀରେ ଆଉଁସି ହୁଅନ୍ତା  
ଲୋଚାକୋଚା କାହାଣୀର ଲୁହ,  
କାଗଜ଼ରେ ଇଡ଼ି ଯାଇଥିବା ସମୟର କାନ୍ଦୁରା ବିବର୍ଣ୍ଣ ମୁହଁ ।

*ଡ଼ି ୪୨୪, ଡ଼ି ଏଚ ପି ଏଲ ସାହୁ ରେସିଡେନ୍‌ସି, ରଙ୍ଗମାଟିଆ, ମଞ୍ଚେଶ୍ୱର, ଭୁବନେଶ୍ୱର*  
*ମୋ- ୯୮୯୨୦୦୦୨୨୪*

## ସୃଷ୍ଟିର ବୁକେ...

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

କିଏ ଲୁଟିନେଲା ସଜ ସକାଳରୁ କଅଁଳ ଖରାର ହସ  
ପବନରେ କିଏ ଭରିଦେଲା ସତେ ସୁରଭି ଜାଗାରେ ବିଷ  
ହିଂସା, ପ୍ରତିହିଂସା ପାଚେରୀଟେ ସାଜି ତୁଟାଇଛି ଭାଇ ଚାରା  
ଐଶ୍ୱର୍ଯ୍ୟର ସେ ଅହମିକାରେ ଅତିଷ୍ଠ ସୁନ୍ଦର ବସୁନ୍ଧରା  
କୃତକର୍ମର ଫଳ ଭୋଗୁଛି ଏଇ ମଣିଷ ଅବିବେକୀ  
ଧ୍ୱଂସର ଲୀଳା ରଚିଲେ ପ୍ରକୃତି ପାରିବ କି ସିଏ ରୋକି ?

କୁସୁମର କଳି ଫୁଟିବା ଆଗରୁ ହାରୁଛି ସୁନ୍ଦର ସତ୍ତା  
କୌମୁଦୀ ଛୁଉଁନି ବିଷାଦିତ ମନ ଚାରିଆଡ଼ୁ ନୀରବତା  
କାଳି ଅନ୍ଧାରରୁ କୁଆଁତାରା ଆଉ ବାଣ୍ଟୁନାହିଁ ନୂଆ ଆଶା  
କେମିତି କେଜାଣି ଖୁସିର ସହରେ ଅସମ୍ଭବ ବିବଶତା ।

ନଈ ଲୋଡୁନାହିଁ ସାଗର ମୁହାଣ ନୀରବି ଯାଇଛି ଛନ୍ଦ  
ନୀଳିମା ହଜିଛି ଆକାଶ ଛାତିରୁ ସବୁଠି ବାରୁଦ ଗନ୍ଧ  
ଛଳନାରେ ଜଳେ ଲଳନା ଲାଲିମା ବିଭସ୍ସ ପ୍ରୀତିର ରଙ୍ଗ  
ଛୁଇଁ ପାରୁନାହିଁ ପ୍ରେମର ଅବିର ସବୁଠି ଛତ୍ରଭଙ୍ଗ  
ସକାଳ ସାଜିଛି ସନ୍ନ୍ୟାସ ଆଜି ହାରି ବିଶ୍ୱାସର ବାରି  
ସୃଷ୍ଟିର ବୁକେ ମୃତ୍ୟୁର ବହ୍ନି ଡ଼ାକେ ନିତି ହାତଠାରି ।

*ଅଧ୍ୟାପିକା, ଓଡ଼ିଆ ବିଭାଗ, ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଯାଜପୁର-୭୫୫୦୦୬*  
*ଫୋନ୍- ୭୩୭୭୩୧୮୭୮୯*

## ନିର୍ଜନତାର ରହସ୍ୟ

**ଅନସୂୟା ପଣ୍ଡା**

ସଂଯୋଗର କବିତାଟିଏ  
କେତେବେଳେ ଲେଖି ହୋଇଗଲା  
ଆଙ୍କିଦେଲା ଗୋପନ ଦ୍ୱୀପର ରାସ୍ତା  
ପଖାଳି ଦେଲା ଆସକ୍ତିର କଦମ୍ବରେ  
ଭରି ସ୍ୱପ୍ନାୟିତ ବିମଳ ବିଳାସ।  
କକ୍ଷ ପଥରେ ଶୁଭିଲା ଚିହ୍ନା ଚିହ୍ନା ସ୍ୱର  
ଡାକରା ଥିଲା ଖୁବ୍ ଆପଣା ପଣର  
ଇଚ୍ଛା ହେଲା ଆଉଜିବାକୁ ଆକୃଷ୍ଟିରେ  
ତାରାର ଛାୟାରେ ରାସ୍ତାର ଛାତିରେ।  
କିନ୍ତୁ ଯେବେ ପାଦ ଦେଲି ଜାଣିଲି  
ରାସ୍ତା ଫସିଲର ଥିଲା ବୋଲି  
ଦୀର୍ଘ ନିର୍ଜନତାର ଅପନ୍ତରା ଖାଲି  
ମୃତ୍ୟୁଠାରୁ ଭୟଙ୍କର ଆତଙ୍କ ଭଳି।  
ସତ୍ୟ ଗୋଟେ କାରଖାନାର ଠୁଳ ରହସ୍ୟ  
ବେକାବୁ ଧୂମିଳ ପାଉଁଶ ପୋଖରୀ  
ଆଗରେ ଅଶରୀର ପରି ଧୂଆଁର ବଳୟ  
ବୁଝିଗଲି ଏ ରାସ୍ତା ଗୋଟେ ଦୁର୍ଘଟଣାର  
ରାତି ପରି ରହସ୍ୟମୟ ଦୁଃସ୍ତର ।

*ବୁର୍ଲା, ସମ୍ବଲପୁର*  
*ମୋ-୯୪୩୯୨୧୧୯୭୧*

# ହାତରେ କଳାପଟି ପିନ୍ଧି ପଡ଼ିଆକୁ ଓହ୍ଲାଇଲେ ଭାରତୀୟ ଖେଳାଳି



**ଲିଡ୍ସ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହୋଇଛି। ଏହି ଟେଷ୍ଟରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଏହି ମ୍ୟାଚ୍‌ରେ ଖେଳାଳିମାନେ ହାତରେ କଳା ପଟି ବାନ୍ଧିଛନ୍ତି। ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସମସ୍ତ ଖେଳାଳି କଳାପଟି ବାନ୍ଧିଛନ୍ତି। ଏହାସହ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା ମଧ୍ୟ କରାଯାଇଥିଲା।

ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଷ୍ଟାଡିୟମରେ ଉଭୟ ଦେଶର ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ସମୟରେ ଭାରତ ଏବଂ ଇଂଲଣ୍ଡର ସମସ୍ତ ଖେଳାଳି ହାତରେ କଳା ପଟି ପିନ୍ଧିଥିବା ଦେଖା ଯାଇଥିଲା। ଏହି ମ୍ୟାଚ ମାଧ୍ୟମରେ, ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଏବଂ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିପାଇଁ ଷ୍ଟାଡିୟମରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଜୁନ ୧୨ ତାରିଖରେ ଗୁଜୁରାଟର ରାଜଧାନୀ ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନରେ ୨୩୦ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟ ଥିଲେ। ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏହି ବିମାନଟି ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର ପାଞ୍ଚ ମିନିଟ ପରେ ଏକ ହଷ୍ଟେଲ ସହିତ ଧକ୍କା ହୋଇଥିଲା। ବିମାନରେ ଥିବା ୨୪୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଏହି ଦୁର୍ଘଟଣାରେ କେବଳ ଜଣେ ବ୍ୟକ୍ତି ବଞ୍ଚି ଯାଇଥିଲେ। ଏହି ଦୁର୍ଘଟଣାରେ ମୋଟ ୨୭୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା କେବଳ ଭାରତବାସୀଙ୍କୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଥିଲା।

# ପ୍ରଥମ ଟେଷ୍ଟ : ଯଶସ୍ୱୀ ଜୟସ୍ୱାଲ ଓ ଗିଲ୍‌ଙ୍କ ଲଢୁଆ ଶତକ, ଦୃଢ଼ ସ୍ଥିତିରେ ଭାରତ



**ହେଡିଙ୍ଗଲେ**

ହେଡିଙ୍ଗଲେ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଲଢୁଆ ବ୍ୟାଟିଂର ପ୍ରଦର୍ଶନ କରି ଦଳୀୟ ସ୍ଥିତିକୁ ସୁଦୃଢ଼ କରିଛନ୍ତି । ବିଶେଷକରି ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ଲଢୁଆ ଶତକ ପରେ ଅଧିନାୟକ ଅଧିନାୟକ ଶୁଭମନ ଗିଲ ମଧ୍ୟ ଏକ ଲଢୁଆ ଶତକ ହାସଲ କରିଛନ୍ତି। ଫଳରେ ଭାରତ ଏକ ବଡ଼ ସ୍କୋର ଆଡ଼କୁ ଅଗ୍ରସର ହୋଇଛି।

ଏହି ମ୍ୟାଚରେ ଏହି ମ୍ୟାଚରେ ଇଂଲଣ୍ଡ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ଓ କେଏଲ ରାହୁଲ ବ୍ୟାଟିଂ ଓପନ କରିଥିଲେ। କେଏଲ ରାହୁଲ ୪୨ ରନ କରି ଆଉଟ୍ ହୋଇଥିବା ବେଳେ ଜୟସ୍ୱାଲ ନିଜର ଲଢୁଆ ବ୍ୟାଟିଂ ଜାରି ରଖିଥିଲେ। ତେବେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ସାଇ ସୁଦର୍ଶନ ଖାତା ଖୋଲିପାରିନଥିଲେ।

ତାଙ୍କ ପରେ ଆସିଥିବା ଶୁଭମନ ଗିଲ୍ ସତର୍କତାର ସହ ବ୍ୟାଟିଂ କରି ଜୟସ୍ୱାଲଙ୍କ ସହ ଏକ ଭଲ ପାର୍ଟନରସିପ କରିଥିଲେ। ଜୟସ୍ୱାଲ ମାତ୍ର ୧୫୬ ବଲରେ ଶତକ ପୂରଣ କରିଥିଲେ, ଯାହାକି ଟେଷ୍ଟ କ୍ରିକେଟ ଦୃଷ୍ଟିରୁ ଏକ ଦ୍ରୁତ ଶତକ ବୋଲି କୁହାଯିବ। ଭାରତର ସ୍କୋର ୩ ୱିକେଟ ହରାଇ ୩୧୨ ରନ କରିଥିଲା। ଇଂଲଣ୍ଡ ପକ୍ଷରୁ ବ୍ରାଇଡନ କାର୍ସେ ଓ ବେନ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

# ଡିଭିଲିୟର୍ସଙ୍କ ଉପରେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଲେ ଥାମି ସୋଲେକିଲେ

**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଖେଳାଳି ଏବି ଡିଭିଲିୟର୍ସଙ୍କ ଉପରେ ଏକ ବଡ଼ ଅଭିଯୋଗ ଆସିଛି। ତାଙ୍କ ସାଥୀ ଖେଳାଳି ଥାମି ସୋଲେକିଲେ ତାଙ୍କ ଉପରେ ଏହି ଅଭିଯୋଗ ଆଣିଛନ୍ତି। ଏବି ଡିଭିଲିୟର୍ସଙ୍କ ବିଷୟରେ କହିବାକୁ ଗଲେ, ତାଙ୍କୁ ବିଶ୍ୱର ଜଣେ ବିପଦପୂର୍ଣ୍ଣ ବ୍ୟାଟସମ୍ୟାନ ଭାବରେ ବିବେଚନା କରାଯାଏ ଏବଂ ସମସ୍ତ ଫର୍ମାଟରେ ତାଙ୍କର ପ୍ରଦର୍ଶନ ଜବରଦସ୍ତ ରହିଛି। ସୋଲେକିଲେ ଏହି କିମ୍ବଦନ୍ତୀ ଖେଳାଳିଙ୍କ ଉପରେ ଏକ ବୟାନ ଦେଇ କହିଛନ୍ତି ଯେ ଯେତେବେଳେ ସେ ଟେଷ୍ଟ ଦଳରେ ଉଇକେଟକିପିଂ ପାଇଁ ତାଙ୍କୁ ଚ୍ୟାଲେଞ୍ଜ କରୁଥିଲେ



ସେତେବେଳେ ସେ ଉଇକେଟ କିପିଂ କରୁଥିଲେ।

ସୋଲେକିଲେ କହିଛନ୍ତି, ‘ଯେତେବେଳେ ମୁଁ ତାଙ୍କୁ ଟେଷ୍ଟ ଦଳରେ ସେହି ସ୍ଥାନ ପାଇଁ ଚ୍ୟାଲେଞ୍ଜ କରୁଥିଲି ସେତେବେଳେ ଏବି କିପିଂ କରୁଥିଲେ। ଯେତେବେଳେ ବାଉଚର କିପର ଥିଲେ ସେତେବେଳେ ସେ ଉଇକେଟ କିପିଂ କରୁ ନ ଥିଲେ। ଯେତେବେଳେ ମୁଁ ସେଠାରେ ଥିଲି ସେତେବେଳେ ତାଙ୍କୁ ଉଇକେଟ କିପିଂ କରିବାକୁ ଭଲ ଲାଗୁଥିଲା। ଆପଣ କ'ଣ ଘଟୁଥିଲା ଦେଖିଥାଇ ପାରନ୍ତି।’

ଡିଭିଲିୟର୍ସଙ୍କ ବିଷୟରେ କହିବାକୁ ଗଲେ, ସେ ବ୍ୟାଟିଂ ସହିତ ଉଇକେଟ କିପିଂ ଏବଂ ଫିଲ୍ଡିଂରେ ନିଜର ଛାପ ଛାଡ଼ିଛନ୍ତି। ଏହି ଖେଳାଳି ୧୧୪ ଟେଷ୍ଟ ମ୍ୟାଚରେ ୫୦.୬୬ ହାରରେ ୮୭୬୫ ରନ କରିଛନ୍ତି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୨୭୮ ରନ। ୱିକେଟକିପିଂ ସମୟରେ ସେ ୨୨୨ କ୍ୟାଚ ନେଇଛନ୍ତି ଏବଂ ୫ଟି ଷ୍ଟମ୍ପ ମଧ୍ୟ କରିଛନ୍ତି। ଏକଦିବସୀୟ କ୍ରିକେଟରେ, ଏବି ୨୨୮ ମ୍ୟାଚରେ ୫୩.୫୦ ହାରରେ ୯୫୭୭ ରନ କରିଛନ୍ତି। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୭୬ ରନ। ଟି୨୦ କ୍ରିକେଟରେ, ସେ ୭୮ ମ୍ୟାଚରେ ୨୬.୧୨ ହାରରେ ୧୬୭୨ ରନ କରିଛନ୍ତି।

ଥାମି ସୋଲେକିଲଙ୍କ ବିରୁଦ୍ଧରେ ୨୦୧୫-୧୬ ରାମ ସ୍ଲାମ ଟି୨୦ ମ୍ୟାଚରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗ ଆସିଥିଲା। ତାଙ୍କ ବ୍ୟତୀତ ଲୋନୱାବୋ ସୋସୋବେ ଏବଂ ଏଥି ମବାଲାତିଙ୍କୁ ମଧ୍ୟ ସମାନ ଅଭିଯୋଗ ପାଇଁ ଗିରଫ କରାଯାଇଥିଲା। ଏହି ତିନି ଜଣଙ୍କୁ ଦୁର୍ନୀତି ନିବାରଣ ଏବଂ ଦୁର୍ନୀତି ଆଇନ, ୨୦୦୪ ର ଧାରା ୧୫ ଅନୁଯାୟୀ ପାଞ୍ଚଟି ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ କରାଯାଇଥିଲା। ୨୦୧୬ରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦୁର୍ନୀତି ନିବାରଣ ଗୋଷ୍ଠୀ (ସିଏସଏ) ପୂର୍ବତନ ଖେଳାଳି ଗୁଲାମ ବୋଦିଙ୍କ ସମ୍ପର୍କରେ କିଛି ସନ୍ଦେହଜନକ କାର୍ଯ୍ୟକଳାପର ରିପୋର୍ଟ ପାଇବା ପରେ ପ୍ରଥମ ତଦନ୍ତ ଆରମ୍ଭ ହୋଇଥିଲା।

# ଟେଷ୍ଟ କ୍ରିକେଟରୁ ଅବସର ନେଲେ ଆଞ୍ଜେଲୋ ମାଥ୍ୟୁସ୍



**ନୂଆଦିଲ୍ଲୀ**

ଟେଷ୍ଟ କ୍ରିକେଟ ପାଇଁ ୨୦୨୫ ବର୍ଷ ବହୁତ ଉତ୍ଥାନ-ପତନ ଦେଇ ଗତି କରୁଛି। ଏହି ବର୍ଷ ଅନ୍ତର୍ଜାତୀୟ କ୍ରିକେଟର ଅନେକ କିମ୍ବଦନ୍ତୀ ଖେଳାଳି ଟେଷ୍ଟରୁ ଅବସର ନେଇଛନ୍ତି। ଭାରତୀୟ କ୍ରିକେଟ ତାରକା ରୋହିତ ଶର୍ମା ତାଙ୍କର ଅବସର ଘୋଷଣା କରିଥିଲେ। ଏହା ପରେ ବିରାଟ କୋହଲି ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ସେହି ସମୟରେ, ଏବେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଉଛନ୍ତି। ଶ୍ରୀଲଙ୍କାର ଦଳ କଲମ୍ବୋରେ ବାଂଲାଦେଶ ସହିତ ଏକ ଟେଷ୍ଟ ମ୍ୟାଚ୍ ଖେଳୁଛି। ଆଞ୍ଜେଲୋ ମାଥ୍ୟୁସ୍ ଆଜି ନିଜ ଦେଶରଟିରେ ତାଙ୍କ ମା'ର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।ଯେତେବେଳେ ଶ୍ରୀଲଙ୍କାର ଅଭିଜ୍ଞ ଖେଳାଳି ଆଞ୍ଜେଲୋ ମାଥ୍ୟୁସ୍ ତୃତୀୟ ଦିନରେ ବ୍ୟାଟିଂ କରିବାକୁ ଆସିଥିଲେ, ବାଂଲାଦେଶୀ ଖେଳାଳିମାନେ ମାଥ୍ୟୁସ୍‌ଙ୍କୁ ‘ଗାର୍ଡ ଅଫ୍ ଅନର’ ସହିତ ପଡ଼ିଆରେ ସ୍ୱାଗତ କରିଥିଲେ। ବାଂଲାଦେଶର ଖେଳାଳିମାନେ ଦୁଇଟି ଧାଡ଼ିରେ ଠିଆ ହୋଇଥିଲେ ଏବଂ ଖେଳାଳିମାନେ ପଡ଼ିଆରେ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ।

ଆଞ୍ଜେଲୋ ମାଥ୍ୟୁସ୍ ତାଙ୍କ ଶେଷ ମ୍ୟାଚ୍‌ରେ ୫୬.୫୨ ଷ୍ଟ୍ରାଇକ୍ ରେଟ୍‌ରେ ୬୯ ବଲ୍‌ରେ ୩୯ ରନ୍ କରିଥିଲେ। ତାଙ୍କ ଟେଷ୍ଟ କ୍ୟାରିୟରର ଏହି ଶେଷ ଇନିଂସରେ ମାଥ୍ୟୁସ୍ ତିନୋଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ମାଥ୍ୟୁସ୍ ଭଲ ବ୍ୟାଟିଂ କରୁଥିଲେ, କିନ୍ତୁ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଅର୍ଦ୍ଧଶତକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ଆଞ୍ଜେଲୋ ମାଥ୍ୟୁସ୍ ତାଙ୍କର ୧୧୯ତମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି। ମାଥ୍ୟୁସ୍ ତାଙ୍କ ଟେଷ୍ଟ କ୍ୟାରିୟରରେ ୮,୨୦୬ ରନ୍ କରିଛନ୍ତି।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ମହିଳା କର୍ମଚାରୀଙ୍କ ପାଇଁ କ୍ୟାନ୍ସର ସ୍କ୍ରିନିଂ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ମଣ୍ଡଳରେ କାର୍ଯ୍ୟରତ ମହିଳା ରେଳ କର୍ମଚାରୀଙ୍କ ପାଇଁ କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଖୋର୍ଦ୍ଧା ରୋଡ ଡିଭିଜନାଲ ରେଳ ହସ୍ପିଟାଲର ଅଡିଟୋରିୟମରେ ଆୟୋଜିତ ହୋଇଛି। କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମକୁ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ଶୁଭ୍ର ଜ୍ୟୋତି ମଣ୍ଡଳ ଏବଂ ପୂର୍ବ ତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ୍‌ର ସଚିବ ପ୍ରିୟଙ୍କା ନାଗୱାନୀ, ଖୋର୍ଦ୍ଧା ରୋଡ୍‌ର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ସତପଥୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।




ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲର ସିନିୟର ପ୍ରଫେସର ଡକ୍ଟର ଚିନ୍ମୟ କୁମାର ପାଣି, ମେଡିକାଲ୍ ଅଙ୍କୋଲୋଜି କର୍କଟ ରୋଗ ହେବାର ବିଭିନ୍ନ କାରଣ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ସମୟସୀମା ମଧ୍ୟରେ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ରୋଗର ନିରାକରଣରେ ସାହାଯ୍ୟ କରିପାରିବ। ଶୁଭ୍ରା ଜ୍ୟୋତି ମଣ୍ଡଳ ମହିଳା ରେଳ କର୍ମଚାରୀଙ୍କ କଲ୍ୟାଣ ପାଇଁ ଚିକିତ୍ସା ବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ସ୍କ୍ରିନିଂ କାର୍ଯ୍ୟକ୍ରମର ପ୍ରଥମ ଦିନରେ, କାର୍ମିକ ବିଭାଗର ୨୭ ଜଣ ମହିଳା କର୍ମଚାରୀଙ୍କୁ ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ସ୍କ୍ରିନିଂ କରାଯାଇଥିଲା। ନିର୍ଦ୍ଧାରିତ ତାରିଖ ଅନୁଯାୟୀ, ଡିଭିଜନର ସମସ୍ତ ମହିଳା ରେଳ କର୍ମଚାରୀଙ୍କ ପାଇଁ ସ୍କ୍ରିନିଂ କାର୍ଯ୍ୟକ୍ରମ ବିଭାଗଭିତ୍ତିକ କରାଯିବ। ଆଗାମୀ ଦିନରେ ରେଳ କର୍ମଚାରୀଙ୍କ ୱାର୍ଡ ମାନଙ୍କ ପାଇଁ, ସ୍କ୍ରିନିଂ କାର୍ଯ୍ୟକ୍ରମକୁ ଆହୁରି ସମ୍ପ୍ରସାରିତ କରାଯିବ। କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍‌ର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ସତପଥୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି।

# ଯାଜପୁରରେ ଡାଇରିଆ ନିୟନ୍ତ୍ରଣରେ ଟାଟା ଷ୍ଟିଲ୍‌ର ସକ୍ରିୟ ଯୋଗଦାନ

**ଯାଜପୁର**

ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଡାଇରିଆ ରୋଗ ବ୍ୟାପିବା ପରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସହ ମିଶି ତ୍ୱରିତ ପଦକ୍ଷେପ ନେଇଛି। ଜୁନ ମାସର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇଥିବା ଏହି ରୋଗ ପ୍ରତିରୋଧ ପାଇଁ ସଂସ୍ଥା ପକ୍ଷରୁ ଆମ୍ବୁଲାନ୍ସ ସେବା, ଔଷଧ ବଣ୍ଟନ ଓ ସଚେତନତା ଅଭିଯାନକୁ ସକ୍ରିୟ ଭାବେ ହାତକୁ ନିଆଯାଇଛି।



ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରି ଟିଏସଏଫ ପ୍ରଭାବିତ ଅଞ୍ଚଳରୁ ରୋଗୀମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯାଜପୁର ଜିଲ୍ଲା ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଇଛି। ଏଥିସହ ସରକାରୀ ମେଡିକାଲ ଟିମ୍‌କୁ ଔଷଧ ସହିତ ପ୍ରଭାବିତ ଗ୍ରାମମାନଙ୍କରେ ପହଞ୍ଚାଇବା ପାଇଁ ଅତିରିକ୍ତ ଯାନବାହନର ବ୍ୟବସ୍ଥା କରିଛି।

ଏହା ବ୍ୟତୀତ ଟିଏସଏଫ ଏକ ଅନ୍ୟ ଯାନ ଯୋଗାଇ ଦେଇଛି, ଯାହାକି ସରକାରୀ ଡାକ୍ତରୀ ଦଳ, ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀକୁ ପ୍ରଭାବିତ ଅଞ୍ଚଳକୁ ପଠାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥିସହ ଟିଏସଏଫ ନିୟମିତ ଭାବେ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକ ମୁଖ୍ୟତଃ ଡାଇରିଆ ଏବଂ କଲେରା ପ୍ରତିରୋଧ ଏବଂ ନିୟନ୍ତ୍ରଣ ଉପରେ ଧ୍ୟାନ ଦେଇ ଆୟୋଜିତ ହେଉଛି, ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ସହାୟକ ହେଉଛି । ଏହି ସଚେତନତା ଉପକ୍ରମଗୁଡ଼ିକ ଟିଏସଏଫ କର୍ମଚାରୀ, ସ୍ୱେଚ୍ଛା-ସେବୀଙ୍କ ପ୍ରୟାସରେ ଆୟୋଜିତ ହେଉଥିବା ବେଳେ ରିସ୍ତା ଏବଂ ପୋଷଣ ପ୍ରୋଜେକ୍ଟର ମଧ୍ୟ ଏଥିରେ ସକ୍ରିୟ ଯୋଗଦାନ ରହିଛି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ମକ୍‌ଡ୍ରିଲ୍

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆ ଗଡ଼ ବାତ୍ୟା ଆଶ୍ରୟ ସ୍ଥଳୀ ଠାରେ ସେଲଟର ସ୍ତରୀୟ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେପୁଟି କଲେକ୍ଟର ଅଭିଷେକ ସାହୁ, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ସିଡିପିଓ ସଲୀଳା ପ୍ରଧାନ,ସରପଞ୍ଚ ସଂଯୁକ୍ତା ପ୍ରଧାନ, ରାଜ୍ୟ ସ୍ତରୀୟ ବିପର୍ଯ୍ୟୟ ପର୍ଯ୍ୟବେକ୍ଷକ, ହୁମା ଫାଣ୍ଡି ପୋଲିସ, ଓଡ଼ିଆରଏଫ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକୃତିକ ବନ୍ୟା ବାତ୍ୟା ସମୟରେ କିଭଳି ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ତାହା ଉପସ୍ଥିତ ଲୋକମାନଙ୍କୁ ଅଗ୍ନିଶମ କର୍ମଚାରୀ ବୁଝାଇଥିଲେ। ଅଗ୍ନି ବିପନ, ଗର୍ଭବତୀମାନଙ୍କୁ କିଭଳି ସୁରକ୍ଷିତ ଭାବେ ମେଡିକାଲକୁ ନିଆଯିବ ତାହା ରଣ କୌଶଳ ଶିଖାଯାଇଥିଲା। ଘଡ଼ଘଡ଼ି ଓ ବିଜୁଳି ପବନ ବର୍ଷା ସମୟରେ ଘରୁ ପଦାକୁ ନ ବାହାରିବା, ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା, ଗାଁରେ ବିପଦ ପଡ଼ିଲେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେବା ଆଦି ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଥିଲା। କାମଧେନୁ ସେବା ସମବାୟ ସମିତି ସମ୍ପାଦକ ଟୁନା ମହାରଣା, ପାଳିବନ୍ଧ ପିଇଓ କେ. ପୋଟୁଡୁ, ଅଙ୍ଗନୱାଡି କର୍ମୀ ଅନିତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କର୍ମଶାଳା




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଏକ ଦିନିକିଆ କର୍ମଶାଳା ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ, ଏଡିଓ ହେମନ୍ତ କୁମାର ସାମଲ, ବରଦା ମଲିକ, ଏଏଚଓ ସୌମ୍ୟ ରଂଜନ ସେଠୀ, ମୃତ୍ତିକା ସଂରକ୍ଷଣ ମୋନାଲିସା ପରିଡା, ଏଇଇ ସିପୁମୁଦ୍ରା ନାୟକ, ସୁପ୍ରିୟା ମଲିକ, ଜିଲ୍ଲା ସଂଯୋଜକ ପ୍ରତାପ କୁମାର ରାଉତ ପ୍ରମୁଖ ଦିନିକିଆ କର୍ମଶାଳାରେ ଉପସ୍ଥିତ ରହି କେନ୍ଦ୍ରାପଡା ଜିଲ୍ଲା ଏକ କୃଷି ପ୍ରାଧାନ୍ୟ ଜିଲ୍ଲା। କୃଷି ଓ ଆନୁସଙ୍ଗିକ କୃଷିକୁ ଅଧିକ ଲୋକପ୍ରିୟ ଓ ଆୟ ପ୍ରଦାନକାରୀ ତଥା ଆତ୍ମନିଯୁକ୍ତିର ସ୍ରୋତ କରିବା ନିମନ୍ତେ ରାଜ୍ୟ ସରକାର ସର୍ବଦା ଚେଷ୍ଟାରତ। କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରକୁ ଏକ ଉଦ୍ୟୋଗକୁ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦୋଗ୍ୟ ଯୋଜନା (ଏମ୍‌କେୟୁୱାଇ) ଏକ ରୂପାନ୍ତକାରୀ ପଦକ୍ଷେପ ଏହାର ଫଳ ସ୍ୱରୂପ ଉତ୍ପାଦନ ବୃଦ୍ଧି ସହ ରୋଜଗାର ସୃଷ୍ଟି ଓ ଚାଷୀଟିଏ ନିଜକୁ ଏକ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରି ପାରୁଛନ୍ତି ବୋଲି ଉପସ୍ଥିତ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାର ଏମ୍‌କେୟୁୱାଇକୁ ଅଧିକ ସହଜ ଓ ସରଳ କରିବା ପାଇଁ ଗାଇଡ୍‌ଲାଇନ୍‌ରେ ଅନେକ ସଂଶୋଧନ କରିଛନ୍ତି। ପ୍ରକଳ୍ପ ମୂଲ୍ୟ ଉପରେ ୫୦ଲକ୍ଷର ସହାୟତା ବ୍ୟବସ୍ଥାକୁ ଇତି ମଧ୍ୟରେ ୧କୋଟି ଟଙ୍କାକୁ ବୃଦ୍ଧି କରିବା ସହ ଆହୁରି ଅନେକଗୁଡ଼ିଏ ସରଳୀକରଣ କରାଯାଇଛି। ଜିଲ୍ଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲାର ବହୁ କୃଷକ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ନାରୀଶକ୍ତିର ଡିଜିଟାଲ ଉଡ଼ାଣ : ସଫଳତାର ନୂତନ ପରିଭାଷା



ସାବିତ୍ରୀ ଠାକୁର
ମହିଳା ଏବଂ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

୨୦୧୪ ବର୍ଷରେ ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଏକ ନିର୍ଣ୍ଣାୟକ ତଥା ପରିବର୍ତ୍ତନର ଶୁଭାରମ୍ଭ ହୋଇଥିଲା, ସେତେବେଳେ ଭାରତ ଡିଜିଟାଲ ପ୍ରଗତିର ଏକ ନୂତନ ଦିଗକୁ ଆପଣାଇଥିଲା। ବିଗତ ୧୧ ବର୍ଷ ମଧ୍ୟରେ ‘ଡିଜିଟାଲ ଇଣ୍ଡିଆ ମିଶନ’ ଭଳି ଜନକୈନ୍ଦ୍ରିକ ଅଭିଯାନଗୁଡ଼ିକ କୋଟି କୋଟି ନାଗରିକଙ୍କ ଜୀବନକୁ ପ୍ରଭାବିତ କରିଛି- ବିଶେଷ କରି ମହିଳାମାନଙ୍କୁ ଏହା ପରିବର୍ତ୍ତନ, ଆତ୍ମନିର୍ଭରତା, ସଶକ୍ତୀକରଣ ଏବଂ ସମ୍ମାନ ଦିଗରେ ପରିଚାଳିତ କରିବା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବରେ ସାବ୍ୟସ୍ତ ହୋଇପାରିଛି। ଆଜିର ଏକବିଂଶ ଶତାବ୍ଦୀର ପ୍ରଯୁକ୍ତି କେବଳ ଶାସନ ଏବଂ ଅର୍ଥ ବ୍ୟବସ୍ଥାକୁ ନୁହେଁ, ଅପରନ୍ତୁ ସାମାଜିକ ସଂରଚନାକୁ ବଦଳାଇ ଚାଲିଛି। ପୁନଶ୍ଚ ଏହି ପରିବର୍ତ୍ତନର ସବୁଠାରୁ ଅଧିକ ସଶକ୍ତ ମଶାଲ ହୋଇଛନ୍ତି ମହିଳାମାନେ, ଯେଉଁମାନଙ୍କୁ ଆଜିର ଡିଜିଟାଲ ଯୁଗରେ ନୂଆ ନୂଆ ଅବସରମାନ ପ୍ରାପ୍ତ ହେଉଛି ଏବଂ ସେମାନେ ଏହା ଫଳରେ ନୂତନ ଗତି ପ୍ରାପ୍ତ ହେଉଛନ୍ତି।

ପୂର୍ବରୁ ଡିଜିଟାଲ ସାକ୍ଷରତା ବଡ଼ ବଡ଼ ସହରମାନଙ୍କରେ ହିଁ ସୀମିତ ରହିଥିଲା। କିନ୍ତୁ ସେଠାରେ ସୁଦ୍ଧା ଏହାର ପହଞ୍ଚ ଖୁବ୍ କମ୍ ଥିଲା। ଗ୍ରାମୀଣ ମହିଳାମାନଙ୍କ ନିମନ୍ତେ ତ ପ୍ରଯୁକ୍ତି ଭଳି ସାଧନ ଆଦୌ ଉପଲବ୍ଧ ନଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ‘ଡିଜିଟାଲ ଇଣ୍ଡିଆ’ ମିଶନ ଅଧିନରେ ଆରମ୍ଭ କରାଯାଇଥିବା ଯୋଜନାବଦ୍ଧ ପ୍ରୟାସ ଦ୍ୱାରା ଏହି ସ୍ୱରୂପକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦିଆଯାଇପାରିଛି।

ବିଶେଷ କରି ୨୦୧୭ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ ଦ୍ୱାରା କୋଟି କୋଟି ଗ୍ରାମୀଣ ମହିଳାଙ୍କୁ ଡିଜିଟାଲ ଦୃଷ୍ଟିରୁ ସଶକ୍ତ କରାଯାଇଛି। ଏବେ ସେମାନେ ସ୍ମାର୍ଟ ଫୋନ, ଇଣ୍ଟରନେଟ ଏବଂ ଡିଜିଟାଲ ଟୁଲ୍‌ସ ମାଧ୍ୟମରେ ସରକାରୀ ଯୋଜନା, ଯେପରିକି ବ୍ୟାଙ୍କିଙ୍ଗ୍ ସେବା, ଟେଲି ମେଡିସିନ୍ ଏବଂ ଅନ୍ୟାନ୍ୟ ସୁବିଧା ଗୁଡ଼ିକର ସିଧା ଲାଭ ଉଠାଇ ପାରୁଛନ୍ତି। ଏହି ଅଭିଯାନ ଅଧୀନରେ ୬ କୋଟିରୁ ଅଧିକ ଲୋକଙ୍କୁ ବର୍ତ୍ତମାନ ସୁଦ୍ଧା ପ୍ରଶିକ୍ଷିତ କରାଯାଇଛି, ଯେଉଁଥିରେ ୫୩ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା। ଏହା ସହିତ, ସ୍ୱୟଂ ସହାୟକ ଗୋଷ୍ଠୀ ସମୂହମାନଙ୍କୁ ଅନଲାଇନରେ ଆର୍ଥିକ ନେଣ- ଦେଣ କାରବାର, ଉଦ୍ୟମିତା ଏବଂ ବିତ୍ତୀୟ ସାକ୍ଷରତା ବଢ଼ାଇବା ସକାଶେ ପ୍ରୋତ୍ସାହିତ କରାଯାଉଛି, ଯାହା ଫଳରେ ଗ୍ରାମୀଣ ମହିଳାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର କରିବାର ଅବସର ସହିତ ସଂଯୁକ୍ତ କରାଯାଇପାରୁଛି।

୨୦୧୪ ମସିହାରେ ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ଯାହା ଜେ.ଏ.ଏମ. ତ୍ରୟୀ (ଜନଧନ, ଆଧାର ଏବଂ ମୋବାଇଲ) ସହିତ ମିଶି ବିଶ୍ୱର ସବୁଠାରୁ ବଡ଼ ବିତ୍ତୀୟ ସମାଯୋଜନା କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ତାହା ଭାରତର ଆର୍ଥିକ ସଶକ୍ତୀକରଣ ଉପକ୍ରମରେ ନୂତନ ଇତିହାସ ରଚନା କରିଛି। ପୂର୍ବରୁ ଯେଉଁଠାରେ କୋଟି କୋଟି ମହିଳାମାନଙ୍କ ନିକଟରେ ବ୍ୟାଙ୍କ୍ ଜମାଖାତା ନଥିଲା ଏବଂ ସରକାରୀ ସୁବିଧା ଲାଭଖୋର ମଧ୍ୟସ୍ଥମାନଙ୍କ ହାତକୁ ଚାଲିଯାଉଥିଲା, ସେଠାରେ ଏବେ ଜନ ଧନ, ଆଧାର ଏବଂ ମୋବାଇଲ୍ ତ୍ରୟୀ ଆର୍ଥିକ ସମାଯୋଜନକୁ ଏକ ନୂତନ ଦିଶା ପ୍ରଦାନ କରିଛି। ଏହି ଡିଜିଟାଲ ବିପ୍ଳବ କାରଣରୁ ମହିଳାମାନେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ (ଡି.ବି.ଟି.) ମାଧ୍ୟମରେ ନିଜର ବ୍ୟାଙ୍କ ଜମାଖାତାରେ ଯୋଜନାର ସୁଫଳ ପ୍ରାପ୍ତ ହେଉଛନ୍ତି। ଏହା ଫଳରେ ପାରଦର୍ଶିତାର ସହିତ ମହିଳାମାନଙ୍କ ଆର୍ଥିକ ଭାଗୀଦାରୀ ଏବଂ ପାରିବାରିକ ନିଷ୍ପତ୍ତିରେ ସେମାନଙ୍କର ଭୂମିକା ମଧ୍ୟ ସୁଦୃଢ଼ ହୋଇପାରିଛି।

**ଡିଜିଟାଲ କୌଶଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତି :** ପ୍ରଯୁକ୍ତି ଆଧାରିତ ପ୍ଲାଟଫର୍ମ ଶିକ୍ଷା ଏବଂ ରୋଜଗାର କ୍ଷେତ୍ରରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟାଇଛି। ସ୍କିଲ୍ ଇଣ୍ଡିଆ ମିଶନ ଏବଂ ଇ-ସ୍କିଲ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ଯୋଗୁ ଲକ୍ଷ ଲକ୍ଷ ବାଳିକା ଏବଂ ମହିଳାମାନଙ୍କୁ ସେମାନଙ୍କର ମୋବାଇଲ୍ ମାଧ୍ୟମରେ ଏବେ ଶିକ୍ଷା ସୁବିଧା ପ୍ରାପ୍ତ ହୋଇପାରୁଛି। ଏହା ଫଳରେ ଉତ୍ତମ କୌଶଳ ଶିକ୍ଷାକରି ସେମାନେ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି ଏବଂ ରୋଜଗାରର ନୂତନ ଅବସର ପ୍ରାପ୍ତ ହେଉଛନ୍ତି। ଏଭଳି ପରିବର୍ତ୍ତନ ପୂର୍ବରୁ ଥିବା ସୀମିତ ସଂସାଧନ ଏବଂ ପହଞ୍ଚ ଯୋଗୁ ଅଧିକ ବ୍ୟାପକ ହୋଇପାରି ନଥିଲା କିମ୍ବା ସଶକ୍ତ ହୋଇନଥିଲା।

‘ସ୍ୱୟଂ’ ଏବଂ ‘ଦୀକ୍ଷା’ ଭଳି ପୋର୍ଟାଲ ମାଧ୍ୟମରେ ମହିଳାମାନଙ୍କୁ ଶିକ୍ଷା ସହିତ ଯୋଡ଼ିବାର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଏବେ ସହଜସାଧ୍ୟ ହୋଇପାରିଛି, ବିଶେଷ କରି କରୋନା ମହାମାରୀ ସମୟରେ ଯେତେବେଳେ ସମଗ୍ର ବିଶ୍ୱର ସ୍ୱାଭାବିକ କାର୍ଯ୍ୟ ଠପ୍ ହୋଇଯାଇଥିଲା, ସେତେବେଳେ ଏଥିରୁ ଇପ୍ସିତ ସୁଫଳ ପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ କୌଶଳ ବିକାଶ ମନ୍ତ୍ରଣାଳୟର ମିଳିତ ପ୍ରୟାସ ଅଧୀନରେ ଦେଶର ୧୯ ଗୋଟି ରାଜ୍ୟର ୨୭ଟି ଜିଲ୍ଲାରେ କିଶୋରୀମାନଙ୍କୁ ଡିଜିଟାଲ ସାକ୍ଷରତା ସହିତ ରୋଜଗାର ଉନ୍ମୁଖୀ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି, ଯାହା ଫଳରେ ସେମାନେ ଆତ୍ମନିର୍ଭର ଭବିଷ୍ୟତ ଦିଗରେ ଅଗ୍ରସର ହୋଇପାରିବେ।

**ଡିଜିଟାଲ ଯୁଗରେ ମହିଳା ଉଦ୍ୟମିତାକୁ ନୂଆ ସମ୍ବଳ :** ପୂର୍ବରୁ ଏଭଳି ସମୟ ଥିଲା ଯେତେବେଳେ ମହିଳାମାନଙ୍କୁ ଛୋଟ ଛୋଟ ବ୍ୟବସାୟର ଚାରିକାନ୍ଥ ମଧ୍ୟରେ ସୀମିତ ରହିବାକୁ ପଡୁଥିଲା ଏବଂ ବଜାର ପର୍ଯ୍ୟନ୍ତ ସେମାନଙ୍କର ପହଞ୍ଚ ସୃଷ୍ଟି କରିବା ଏକ ପ୍ରକାର ଚାଲେଞ୍ଜ ଥିଲା। କିନ୍ତୁ ବିଗତ ବର୍ଷମାନଙ୍କରେ ମହିଳା-ନେତୃତ୍ୱାଧୀନ ସ୍ମାର୍ଟ ଆପ୍ସ ଏବଂ ଲଘୁ ଉଦ୍ୟୋଗମାନଙ୍କ ସଂଖ୍ୟାରେ ପର୍ଯ୍ୟାପ୍ତ ବୃଦ୍ଧି ପରିଲକ୍ଷିତ ହୋଇଛି। ମହିଳା ହାଟ ଏବଂ ଜେମ୍ (ଏରଗ) (ସରକାରୀ ଇ-ମାର୍କେଟପ୍ଲେସ୍) ଭଳି ମଞ୍ଚ ମାଧ୍ୟମରେ ବର୍ତ୍ତମାନ ମହିଳାମାନେ କେବଳ ନିଜର ଉତ୍ପାଦକୁ ଅନଲାଇନରେ ବିକ୍ରି କରିପାରୁନାହାନ୍ତି, ଅପର ପକ୍ଷେ ରାଷ୍ଟ୍ରୀୟ ଏବଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସାମାଜିକ ଗଣମାଧ୍ୟମ, ଡିଜିଟାଲ ମାର୍କେଟିଂ ଏବଂ ଅନଲାଇନ୍ ପେମେଣ୍ଟ ବ୍ୟବସ୍ଥା ଫଳରେ ସେମାନେ ଉଦ୍ୟମୀ ଭାବରେ ଆଗକୁ ବଢ଼ି ପାରିଛନ୍ତି ଏବଂ ନିଜର ବ୍ରାଣ୍ଡକୁ ପ୍ରତିଷ୍ଠିତ କରିବାର ଆତ୍ମବିଶ୍ୱାସ ମଧ୍ୟ ପ୍ରାପ୍ତ ହୋଇଛନ୍ତି।

**ସ୍ୱାସ୍ଥ୍ୟ, ପୋଷଣ ଏବଂ ସୁରକ୍ଷାରେ ପ୍ରଯୁକ୍ତିର ଭୂମିକା :** ‘ପୋଷଣ’ ଟ୍ରାକର ଆର.ସି.ଏଚ. ପୋର୍ଟାଲ ଏବଂ ଇ-ସଞ୍ଜିବନୀ ଭଳି ଡିଜିଟାଲ ଟୁଲ୍‌ସ ମାତା ଏବଂ ଶିଶୁମାନଙ୍କ ସହିତ ସଂଶ୍ଲିଷ୍ଟ ସ୍ୱାସ୍ଥ୍ୟସେବା ଉପରେ ସତର୍କ ଦୃଷ୍ଟି ଉତ୍ତମ ଭାବରେ ରଖିପାରିଛନ୍ତି ଏବଂ ଏହି ବ୍ୟବସ୍ଥା ଅଧିକ ପ୍ରଭାବଶାଳୀ ହୋଇପାରିଛି। ଏବେ ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତା ଏବଂ ଆଶାକର୍ମୀମାନେ ମୋବାଇଲ୍ ଆପ୍ ଜରିଆରେ ଲାଭାର୍ଥୀମାନଙ୍କ ଉପରେ ଦୃଷ୍ଟି ରଖିପାରୁଛନ୍ତି, ରିପୋର୍ଟିଂ ଏବଂ ସେବା ବିତରଣ କାର୍ଯ୍ୟ ଅଧିକ ସହଜତାର ସହିତ କରିପାରୁଛନ୍ତି। ମହିଳାମାନଙ୍କ ସୁରକ୍ଷା ଦୀର୍ଘ ସମୟ ପର୍ଯ୍ୟନ୍ତ ଏଭଳି ଏକ କ୍ଷେତ୍ର ରହିଆସିଥିଲା, ଯେଉଁଠାରେ ପ୍ରଯୁକ୍ତି ଏବଂ ତ୍ୱରିତ ସହାୟତା ବ୍ୟବସ୍ଥା ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଥିଲା ଏହି ଅଭାବକୁ ଦୂର କରିବା ନିମନ୍ତେ ମୋଦୀ ସରକାର ଇ.ଆର.ଏସ.ଏସ.-୧୧୨ ପେନିକ୍ ବଟନ୍ ଏବଂ ମହିଳା ସୁରକ୍ଷା ଆପ୍ ଭଳି ପ୍ରଭାବଶାଳୀ ଉପାୟମାନ ଲାଗୁ କରିଛନ୍ତି, ଯାହା ଫଳରେ ବର୍ତ୍ତମାନ ମହିଳାମାନେ ସାର୍ବଜନିକ ସ୍ଥଳରେ ନିଜକୁ ପୂର୍ବରୁ ଢେର୍ ଅଧିକ ସୁରକ୍ଷିତ ଅନୁଭବ କରିପାରୁଛନ୍ତି।

**‘ଷ୍ଟେମ୍’ (ବିଜ୍ଞାନ, ପ୍ରାଦ୍ୟୋଗିକୀ, ଇଞ୍ଜିନିୟରିଂ, ଏବଂ ଗଣିତ) ରେ ମହିଳାମାନଙ୍କ ଭାଗିଦାରୀ :** ‘ଷ୍ଟେମ୍’ ଭଳି କ୍ଷେତ୍ରରେ ବାଳିକାମାନଙ୍କ ଭାଗିଦାରୀ କେତେବେଳେ ସୀମିତ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହି ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଘଟିସାରିଛି। ବିଜ୍ଞାନଜ୍ୟୋତି ଏବଂ ‘ୱାଇଜ୍- କିରଣ’ ଯୋଜନା ଭଳି ଉପକ୍ରମ ଦ୍ୱାରା ଛାତ୍ରୀମାନଙ୍କ ‘ଷ୍ଟେମ୍’ କ୍ଷେତ୍ରରେ ଆଗକୁ ବଢ଼ିବା ନିମନ୍ତେ ପ୍ରେରିତ କରୁଛି। ଭାରତୀୟ ମହିଳାମାନେ ଏବେ ମହାଶୂନ୍ୟ ଅନୁସନ୍ଧାନ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି।

**ବିକଶିତ ଭାରତର ଭବିଷ୍ୟତ ପଦକ୍ଷେପ :** ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡିଜିଟାଲ ପ୍ରଯୁକ୍ତି ମହିଳା ମାନଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଓ ବିପ୍ଳବ ଘଟାଇଛି। ୨୦୧୪ ଠାରୁ ଏପର୍ଯ୍ୟନ୍ତ ସମାବେଶୀ ନୀତି, ଯୋଜନାବଦ୍ଧ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିର ପହଞ୍ଚ ମାଧ୍ୟମରେ ଲକ୍ଷ ଲକ୍ଷ ମହିଳାମାନଙ୍କୁ ଆତ୍ମନିର୍ଭରତାର ମାର୍ଗରେ ଆଗକୁ ଅଗ୍ରସର କରାଯାଇ ପାରିଛି। ଅମୃତ କାଳ ଆଡ଼କୁ ଅଗ୍ରସର ହେଉଥିବା ଭାରତରେ ଏହି ପରିବର୍ତ୍ତନ ମହିଳାମାନଙ୍କୁ କେବଳ ଭାଗୀଦାରୀ କରିନାହିଁ, ଅପରପକ୍ଷେ ବିକାଶ ଯାତ୍ରାରେ ଅଗ୍ରଣୀ ବନାଇଛି। ଜଣେ ଡିଜିଟାଲ ପ୍ରଶିକ୍ଷିତ ଓ ସଶକ୍ତ ମହିଳା ଆଜି କେବଳ ଏହାର ଲାଭାର୍ଥୀ ହୋଇନାହିଁ ବରଂ ବିକଶିତ ଭାରତର ନିର୍ମାତା ହୋଇପାରିଛି।

ଭୁବନେଶ୍ୱର
୨୧ ଜୁନ୍,
ଶନିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଆଜି ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ନୀତି



ପୁରୀ, ୨୦/୦୬ ନ୍ୟୁଜ ବ୍ୟୁରୋ

ସ୍ନାନ ପୂର୍ଣ୍ଣିମା ପରେ ଜ୍ୱରରେ ପଡ଼ି ଅସୁସ୍ଥ ମହାପ୍ରଭୁ । ଅଣସର ପିଣ୍ଡିରେ ଦଇତାପତି ସେବକଙ୍କ ଦ୍ୱାରା ପାରମ୍ପରିକ ପଦ୍ଧତିରେ ଚିକିତ୍ସିତ ହେଉଛନ୍ତି ମହାପ୍ରଭୁ । ସୁସ୍ଥ କରିବା ପାଇଁ ଚାଲିଛି ନାନାଦି ଗୁପ୍ତସେବା। ନୀଳାଦ୍ରି ମହୋଦୟ ଶାସ୍ତ୍ର ଅନୁସାରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଅଣସରକାଳୀନ ଗୁପ୍ତନୀତି ସଂପାଦନ କରୁଛନ୍ତି । ଏକବସ୍ତ୍ର ହୋଇ ଅଣସର ବାସ ଠାରୁ ଦୈନିନ୍ଦିନ ଚକଟା ଭୋଗ ଓ ଅନ୍ୟାନ୍ୟ ନୀତି ସଂପାଦନ କରୁଛନ୍ତି । ଶ୍ରୀଅଙ୍ଗରେ ଲାଗି ହେବା ପାଇଁ ବିଭିନ୍ନ ପ୍ରକାର ଚେରମୂଳିରୁ ପ୍ରସ୍ତୁତ ଔଷଧ ଯୋଗାଇ ଦିଆଯାଇଛି । ଶୁକ୍ରବାର ବିଧି ମୁତାବକ ଅଣସରରେ ଥିବା ତିନି ଠାକୁର ଚକା ବିଜେ କରିବା ସହ ଶ୍ରୀମନ୍ଦିର ବୈଦ୍ୟ ଦଶମୂଳ ପ୍ରସ୍ତୁତ କରି ଗାରଦରେ ଦାଖଲ କରିଛନ୍ତି । ଏକାଦଶୀ ତିଥି ଅର୍ଥାତ୍ ଶନିବାର ଶ୍ରୀମନ୍ଦିର ବୈଦ୍ୟଙ୍କ ପରାମର୍ଶ କ୍ରମେ ଶ୍ରୀଅଙ୍ଗର ଉପଚାର କରାଯିବ । ଏଥିସହ ଶନିବାର ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶନିବାର ରକ୍ତବସ୍ତ୍ର ପରିଧାନ କରିବେ। ପୂର୍ବରୁ ବିନା ତୁଳସୀରେ ଧଳା ଫୁଲରେ ପୂଜା ପାଉଥିବା ମହାପ୍ରଭୁଙ୍କୁ ଶନିବାର ଠାରୁ ତୁଳସୀ ଲାଗି ହେବ। ଶୁକ୍ରବାର ଆଷାଢ଼ କୃଷ୍ଣ ଦଶମୀ ତିଥିରେ ପରମ୍ପରା ମୁତାବକ ମହାପ୍ରଭୁଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୋଇଛି। ବିଶ୍ରାମ କରୁଥିବା ମହାପ୍ରଭୁ ଚକା ଉପରେ ବିଜେ କରିଛନ୍ତି ।

## ମହାପ୍ରଭୁଙ୍କ ଅଣସର ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍

କଟକ, ୨୦/୦୬ ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ଅଣସର ସମୟରେ ଶ୍ରୀମନ୍ଦିରରେ ପାଟବୋଲା କାର୍ଯ୍ୟରେ ଦୁଇ ଜଣ ପାଟରାବିଶୋୟୀ ସେବକଙ୍କୁ ନିୟୋଜିତ ପ୍ରସଂଗ ନେଇ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ୨୦୨୫, ଜୁନ ୧୨ରେ ଜାରି ନିର୍ଦ୍ଦେଶନାମା ବିରୋଧରେ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଜବାବ ତଲବ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ଜବାବ ଦାଖଲ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ବର୍ତ୍ତମାନ ଚାଲିଥିବା ସେବାପୂଜାରୁ ପ୍ରତିପକ୍ଷ ନମ୍ବର ୩ ଓ ୪ (ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କା)ଙ୍କୁ ବାଦ ଦେବା ପ୍ରସଂଗରେ ବିଚାର କରିବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ଜାରି ରହିଥିବା ଏପରି ସେବା ଯେପରି କୌଣସି ପ୍ରକାର ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ପାଟରାବିଶୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ୭ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜୁନ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୫, ଜୁନ ୧୨ରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶରେ ଉଲ୍ଲେଖ କରାଯାଇଥିଲା ଯେ ଚଳିତ ବର୍ଷ ଅଣସର ସମୟରେ ପାଟରାବିଶୋୟୀ ସେବକ ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କାଙ୍କୁ ପାଟବୋଳା କାର୍ଯ୍ୟରେ ନିୟୋଜିତ କରାଯାଇଛି । ବଡ଼ବାଡ଼ ବାଡ଼ଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଉଳକରଣ ସେମାନଙ୍କୁ ପାଟବୋଳା କାର୍ଯ୍ୟରେ ନିୟୋଜିତ କରିବେ ବୋଲି ମୁଖ୍ୟ ପ୍ରଶାସକଙ୍କ ଆଦେଶକ୍ରମେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ ଜାରି କରିଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ଏପରି ଆଦେଶକୁ ବିରୋଧ କରି ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ କରି ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଆବେଦନକାରୀମାନେ ପାଟରାବିଶୋୟୀ ସେବକ। ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ଆବେଦନକାରୀଙ୍କ ବଂଶଜଙ୍କ ନାଁ ରହିଛି। ବଂଶାନୁକ୍ରମିକ ଭାବେ ପାଟବୋଳା ସେବା ଆବେଦନକାରୀମାନେ କରି ଆସୁଛନ୍ତି। ପାଟବୋଳା ସେବା ଏକ ଗୁପ୍ତ ତଥା ପବିତ୍ର ସେବା। ଏ ସଂକ୍ରାନ୍ତୀୟ ଜ୍ଞାନ ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ମିଳିଥାଏ। ବାହାର ଲୋକମାନେ ଏହି ସେବା ବିଷୟରେ ଜାଣିବା ସମ୍ଭବ ନୁହେଁ। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି ସଂପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସକ ପଦକ୍ଷେପ ନେବା କଥା। କିନ୍ତୁ ରେକର୍ଡ ଅଫ୍ ରାଇଟ୍ସ ଉଲ୍ଲଂଘନ କରି ଜୁନ୍ ୧୨ର ନିର୍ଦ୍ଦେଶ ଜାରି କରାଯାଇଥିଲା। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ପ୍ରତିପକ୍ଷ ନମ୍ବର ୩ ଓ ୪ ପାଟବୋଳା ସେବା ପାଇଁ ଯୋଗ୍ୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଜୁନ୍ ୧୨ରେ ପ୍ରତିପକ୍ଷ ନମ୍ବର ୩ ଓ ୪ଙ୍କୁ ପାଟବୋଳା ସେବା ପାଇଁ ଅନୁମତି ଦିଆଯିବା ଘଟଣା ପାଇଁ ପାଟରାବିଶୋୟୀ ସେବକ ଓ ଅନ୍ୟ ସେବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜୁନ୍ ୧୨ର ନିର୍ଦ୍ଦେଶ ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।










ଭୁବନେଶ୍ୱର : ଓଡ଼ିଶାକୁ ଦିନିକିଆ ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିମାନ ବନ୍ଦର ଠାରେ ସ୍ୱାଗତ କରାଯିବା ସହ ଜନତାମୈଦାନରେ ଅନୁଷ୍ଠିତ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସମାରୋହର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ୨,୭୫୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୦/୦୬
ନ୍ୟୁଜ ବ୍ୟୁରୋ



ଓଡିଶାରେ ରେଳ ଭିତ୍ତିଭୂମି ଏବଂ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ଏକ ଐତିହାସିକ ଅବସରରେପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଜନତାମୈଦାନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨,୭୫୦ କୋଟିରୁ ଅଧିକ ମୂଲ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହା ବ୍ୟତୀତ ସେ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୌଦ୍ଧ ଏବଂ ପୁରୁଣାକଟକରୁ ନୂତନ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଶ୍ରୀ ମୋଦୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ପ୍ରକଳ୍ପ ଗୁଡିକ ହେଲା -ସାରଳା - ସାସନ (୧୬ କିଲୋମିଟର) ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ମୂଲ୍ୟ: ୨୫୨ କୋଟି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ବ୍ୟସ୍ତବହୁଳ ଝାରସୁଗୁଡ଼ା-ସମ୍ବଲପୁର ରେଳ ସେକ୍ସନକୁ କମ କରିବା ଏବଂ ଏହି ଅଞ୍ଚଳରେ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା। ସେହିପରି ଶ୍ରୀ ମୋଦୀ ଉଦ୍‌ଘାଟନ କରିଥିବା ପ୍ରକଳ୍ପ ଗୁଡିକ ହେଲା -ସୋନପୁର-ପୁରୁଣାକଟକ (୭୩ କିଲୋମିଟର) ମଧ୍ୟରେ ନୂତନ ରେଳ ଲାଇନ। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପର ଏକ ଅଂଶ (୩୦୧ କିଲୋମିଟର) ମୂଲ୍ୟ: ୧୩୭୬ କୋଟି। ଏହା ସହିତ, ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ପ୍ରଥମ ଥର ପାଇଁ ଜାତୀୟ ରେଳ ନେଟୱାର୍କ ସହିତ ସଂଯୋଗ ହୋଇଛି, ଯାହା ଲୋକଙ୍କ ଦୀର୍ଘକାଳୀନ ଆକାଂକ୍ଷାକୁ ପୂରଣ କରୁଛି । ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବା ପ୍ରକଳ୍ପ ଗୁଡିକ ହେଲା - ସାରଳାରେ ୱାଗନଗୁଡ଼ିକର ନିୟମିତ ମରାମତି ସହିତ ମାଲବାହୀ ଟ୍ରେନ୍ ରକ୍ଷଣାବେକ୍ଷଣ ସୁବିଧା (୧୬୫ କୋଟି), ବାମରା-ଧାରୁଆଡିହି ସେକ୍ସନରେ ମେଟ୍ରୋୱେ (୧୦ କୋଟି), ବୋଣ୍ଡାମୁଣ୍ଡା-ରାଞ୍ଚିର ଲିଙ୍କ୍ ଉ-ଡୁମେଟ୍ରା ସେକ୍ସନ (୫ କିଲୋମିଟର) ଦୋହରୀକରଣ (୯୮ କୋଟି), ଜଳେଶ୍ୱରରେ ରୋଡ୍ ଓଭର ବ୍ରିଜ୍ (୮୯ କୋଟି), ଝାରସୁଗୁଡ଼ା - ଜାମଗା (୫୩ କିଲୋମିଟର) ମଧ୍ୟରେ ଚତୁର୍ଥ ରେଳ ଲାଇନ (୨୦୬ କିଲୋମିଟର ଝରସୁଗୁଡ଼ା-ବିଳାସପୁର ପ୍ରକଳ୍ପର ଅଂଶ), ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କ୍ଷମତା, ଲଜିଷ୍ଟିକ୍ସ ଦକ୍ଷତା ଏବଂ ନିରାପତ୍ତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ସହିତ ଯାତ୍ରୀ ଏବଂ ମାଲ ପରିବହନକୁ ମଧ୍ୟ ସୁଗମ କରିଥାଏ। ସେହିପରି ପ୍ରଧାନମନ୍ତ୍ରୀ ନୂତନ ଟ୍ରେନ୍ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ପଶ୍ଚିମ ଏବଂ ମଧ୍ୟ ଓଡ଼ିଶାର ବୌଦ୍ଧ ଜିଲ୍ଲା ପାଇଁ ରେଳ ସଂଯୋଗୀକରଣର ଏକ ନୂତନ ଯୁଗର ସୂତ୍ରପାତ କରିଥିଲା। ୧୮୩୧୩/ ୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂତନ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍। ଏହି ପ୍ରକଳ୍ପ ଏବଂ ନୂତନ ଟ୍ରେନ୍ ସେବା 'ବିକଶିତ ଭାରତ - ବିକଶିତ ଓଡ଼ିଶା'ର ଦୃଷ୍ଟିକୋଣକୁ ସାକାର କରିବାରେ ଏକ ପ୍ରମୁଖ ପଦକ୍ଷେପ ପ୍ରତିନିଧିତ୍ୱ କରେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଏହି ଗସ୍ତ ସେବା, ସୁଶାସନ ଏବଂ ଗରିବ କଲ୍ୟାଣର ୧୧ ବର୍ଷର ପୂରଣ ସହିତ ସମନ୍ୱିତ ହେଉଛି । ଏହି ପ୍ରକଳ୍ପ ଗୁଡିକ ଓଡ଼ିଶାର ଅର୍ଥନୈତିକ ବିକାଶ ଘଟାଇବ। ବର୍ଦ୍ଧିତ ମାଲ ପରିବହନ ଏବଂ ଉନ୍ନତ ଲଜିଷ୍ଟିକ୍ସ ଏହି ଅଞ୍ଚଳରେ ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। କୃଷି ଏବଂ ଗ୍ରାମୀଣ ସମୃଦ୍ଧିରେ ବୌଦ୍ଧ ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକର ଚାଷୀମାନେ ବଡ଼ ବଜାର, ଉତ୍ତମ ମୂଲ୍ୟ ଏବଂ ଅତ୍ୟାବଶ୍ୟକ କୃଷି ସମ୍ପଦ ପାଇପାରିବେ। ସ୍ୱାସ୍ଥ୍ୟସେବା ସୁବିଧାରେ ଭୁବନେଶ୍ୱର ଏବଂ ସମ୍ବଲପୁର ଭଳି ପ୍ରମୁଖ ହବ୍ ସହିତ ସିଧାସଳଖ ରେଳ ସଂଯୋଗ ଉନ୍ନତ ଚିକିତ୍ସା ସେବା ପାଇବାକୁ ସହଜ କରିବ। ଶିକ୍ଷା ସୁଯୋଗରେ ସହଜ ସଂଯୋଗୀକରଣ ଦ୍ୱାରା ଦୂରଦୂରାନ୍ତ ଅଞ୍ଚଳର ଛାତ୍ରଛାତ୍ରୀମାନେ ରାଜ୍ୟର ପ୍ରତିଷ୍ଠିତ ପ୍ରତିଷ୍ଠାନଗୁଡ଼ିକରେ ପହଞ୍ଚିପାରିବେ। ସେହିପରି ସାମାଜିକ ଏବଂ ସାଂସ୍କୃତିକ ଏକୀକରଣରେ ଉନ୍ନତ ଗତିଶୀଳତା ସାଂସ୍କୃତିକ ଆଦାନପ୍ରଦାନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ଆଞ୍ଚଳିକ ସମନ୍ୱୟକୁ ପ୍ରୋତ୍ସାହିତ କରିବ। ଏହି ମେଗା ରେଳ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ଏବଂ ସମର୍ପଣ କେବଳ ଓଡ଼ିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ନୁହେଁ ବରଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧି, ଆଞ୍ଚଳିକ ବିକାଶ ଏବଂ ଏକ ଉତ୍ତମ ସଂଯୁକ୍ତ ଭାରତ ପ୍ରତି କେନ୍ଦ୍ରର ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ। ଏହି ଦିନଟି ଓଡ଼ିଶାର ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୁଏ, କାରଣ ଦୀର୍ଘଦିନର ସ୍ୱପ୍ନ ଶେଷରେ ବାସ୍ତବତାରେ ପରିଣତ ହେଉଛି।




ଭୁବନେଶ୍ୱର : ଚିକିତ୍ସା ପାଇଁ ମୁମ୍ବାଇ ଗସ୍ତରେ ଯିବା ପୂର୍ବରୁ ବିଜେଡି ସୁପ୍ରିମୋ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ତୁରନ୍ତ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯିବା ସହ ବିମାନ ବନ୍ଦରରେ ବିଦାୟ ଦେଉଛନ୍ତି ଦଳୀୟ କର୍ମୀ ଓ ସାଧାରଣ ଜନତା। (ଫଟୋ : ସମ୍ବାଦ କଳିକା)

## ଭାରି ପଡିଲା କଡ଼ି ପକାଇବା : ଭୋଗରାଇ ଥାନା ଅଧିକାରୀ ନିଲମ୍ବିତ

ବାଲେଶ୍ୱର, ୨୦/୬
ନ୍ୟୁଜ ବ୍ୟୁରୋ



ଭୋଗରାଇ ପୋଲିସର ଦବଙ୍ଗଗିରି। ମହଙ୍ଗା ପଡ଼ିଲା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ । ଜଣେ ବ୍ୟକ୍ତିଙ୍କ ହାତ, ଗୋଡ଼ରେ ବେଡି ପକେଇ ନିର୍ଦ୍ଧୁମ ମାଡ଼। ପୋଲିସର ଏହି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ନିଲମ୍ବିତ ହେଲେ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ। ଘଟଣା ସମ୍ପର୍କରେ ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଥାନାରେ ପହଞ୍ଚି ବାଲେଶ୍ୱର ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ବିରୋଧରେ ହୋଇଛି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ। ବାଇକ୍ ଅଦଳବଦଳକୁ ନେଇ ଭୋଗରାଇ ବ୍ଲକ ଜୟରାମପୁର ଗାଁର କାର୍ତ୍ତିକ ଭୋଳଙ୍କ ନାମରେ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ନ କରି, ଏପରିକି କୌଣସି ମାମଲା ରଜୁ ନକରି, ଏଭଳି ଅମାନସିକ ଅତ୍ୟାଚାର ସହିତ ନିଜର ପତିଆର ଜାହିର କରିବା ପାଇଁ ଦୁଇ ଦିନ ଧରି କାର୍ତ୍ତିକଙ୍କୁ ନିର୍ଦ୍ଧୁମ ମାଡ଼ ମାରିବା ସହ ଗୋଡ଼ରେ ବେଡି ପକାଇ ଥାନାରେ ଅଟକ ରଖିଥିଲେ। ଏହାପରେ ତାଙ୍କ ପରିବାର ଲୋକେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଏ ବିଷୟରେ ଜଣାଇଥିଲେ । ଖବର ପାଇଁ ସଙ୍ଗେ ସଙ୍ଗେ ଭୋଗରାଇ ଥାନାରେ ପହଞ୍ଚିଥିଲେ ସେ । କାର୍ତ୍ତିକଙ୍କ ହାତ ଓ ଗୋଡ଼ରେ ବେଡ଼ି ପଡ଼ିଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଏନେଇ ସେ ତୁରନ୍ତ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦଙ୍କୁ ଭିଡିଓକଲ ମାଧ୍ୟମରେ ସବୁକିଛି ଦେଖାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ବ୍ୟକ୍ତି ଥାନାରୁ ମୁକୁଳିଥିଲେ। ଉଭୟ ପକ୍ଷଙ୍କ ଉପସ୍ଥିତିରେ ଏହି ଘଟଣାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏସପି । ଅନ୍ୟପଟେ ଏହି ଘଟଣାକୁ ରାଜ୍ୟ ପୋଲିସ ଗୁରୁତର ସହ ନେଇଥିବା ବେଳେ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କୁ ନିଲମ୍ବିତ କରାଯାଇଥିବା ଡିଜିପି ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି । ଏନେଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି ଯେ, 'ଭୋଗରାଇ ଥାନାରେ ଏମିତି ପୂର୍ବରୁ ମଧ୍ୟ ହୋଇଛି, ଜଣେ ବ୍ୟକ୍ତିଙ୍କୁ ଏପରି ବେଡ଼ି ପକାଇ ରଖା ଯାଇଥିଲା । ଛୋଟ ଛୋଟ ଅପରାଧରେ ଲୋକଙ୍କୁ ଏମିତି କରୁଛନ୍ତି, ବଡ଼ ଅପରାଧୀଙ୍କୁ ଛାଡି ଦେଉଛନ୍ତି । କୌଣସି ଏତଲା ପଞ୍ଜିକରଣ ହୋଇନାହିଁ, ତଥାପି ଏମିତି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବିନା ଅନୁସନ୍ଧାନରେ ଦଣ୍ଡ ଦିଆଯାଇଛି । ଜଣେ ଲୋକ ଆଉ ଜଣେ ଲୋକକୁ ତା'ର ବାଇକ ଦେଇ ଆସିଥିଲା । ହେଲେ ସେ ଆଉ ଫେରାଇଲା ନାହିଁ। ଏହି ଅଭିଯୋଗରେ କାହାକୁ ଗିରଫ କରି ଚାଲାଣ କରାଯାଇ ପାରିବ ନାହିଁ, ନୋଟିସ ଦିଆଯାଇ ଛାଡିବା କଥା । ହେଲେ ଯେଉଁ କଥାର ସତ୍ୟତା କି ପ୍ରମାଣ ନାହିଁ, ଜଣେ ବ୍ୟକ୍ତିକୁ ଏପରି ଅତ୍ୟାଚାର କରିବା କଥା ନୁହେଁ । ମୁଁ ଏ ବିଷୟରେ ଏସ୍‌ପିଙ୍କୁ ଭିଡିଓ କଲରେ ଦେଖାଇଲି, ଆଇଆଇସିଙ୍କୁ ବି ଜଣାଇଲି । ବିନା ଏତଲାରେ କାହିଁକି ଏମିତି ଅବସ୍ଥାରେ ରଖାଯାଇଛି, ପୋଲିସ ବର୍ଦ୍ଦିରେ ରହିକି ନିୟମ ଉଲ୍ଲଂଘନ କରୁଛନ୍ତି। ତୁରନ୍ତ ଉଭୟ ପକ୍ଷକୁ ଡାକି ସମାଧାନ କରାଯାଉ । ଏ ଲୋକକୁ ବହୁତ ମାଡ଼ ହୋଇଛି, ତା' ଦେହରେ ଚିହ୍ନ ଅଛି ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ।

## ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ



ଭୁବନେଶ୍ୱର/ କଟକ ୨୦/୦୬
ନ୍ୟୁଜ ବ୍ୟୁରୋ

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥଙ୍କର ଗୁରୁବାର ରାତି ୧୧ଟା ବେଳେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଚାରିଦିନ ତଳେ ଭୀଷଣ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହିସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରିସ୍ଥିତି ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା । ଚିକିତ୍ସକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସ୍ଥିତିରେ ଉନ୍ନତି ଘଟି ନ ଥିଲା । ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସକଙ୍କ ସୂତ୍ରରୁ ପ୍ରକାଶ। ସ୍ୱର୍ଗତ ରଥ ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମ ହୋଇଥିଲେ। ପିତା ପଣ୍ଡିତ ଚନ୍ଦ୍ରଶେଖର ରଥ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କର ସେ ଥିଲେ ପଞ୍ଚମ ସନ୍ତାନ। ସେ ଅବିବାହିତ ରହିଥିଲେ । ଆଇନ୍‌ରେ ଡିଗ୍ରୀ ସହିତ ଇଂରାଜୀ ସାହିତ୍ୟରେ ଏମ୍ ପାସ୍ କରିବା ପରେ ସେ ସାମ୍ବାଦିକତା ଓ ଓକିଲାତି କରିବା ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। 'ନ୍ୟାୟବତୀ' ନାମକ ଏକ ପତ୍ରିକାର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗଦେଇଥିଲେ । ସେ 'ସମାଜ'ର ସମ୍ପାଦକ, ମୁଦ୍ରାକର ଓ ପ୍ରକାଶକ, ଜିମ୍‌ସାରର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ଗୋପବନ୍ଧୁଙ୍କ ସତ୍ୟବାଦୀର ସମ୍ପାଦକ ହେବା ସହିତ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଦୁଇ ଭଣଜା ପ୍ରଫେସର ରବୀନ୍ଦ୍ର ମହାପାତ୍ର ଓ ସୌମେନ୍ଦ୍ର ମହାପାତ୍ର, ଭଣଜାବୋହୂ, ସାନଭାଇ ଓ ସାନ ବୋହୂ କୁମୁଦିନୀ ପଣ୍ଡା, ଭବାନୀ ପ୍ରସାଦ ମିଶ୍ର, ମମତା ବିଶୋଇ, ସୌଭାଗ୍ୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସମାଜସେବୀ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଦୁଃଖିତ ଓ ମର୍ମାହତ । ସେ ଜଣେ ସରଳ, ସମର୍ପିତ ଓ ସମାଜମନସ୍କ ବ୍ୟକ୍ତି ଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଦୈନିକ 'ସମାଜ' ଖବରକାଗଜର ସମ୍ପାଦକ ଓ ପ୍ରକାଶକ ତଥା 'ସମାଜ' ରିଲିଫ କମିଟିର ମୁଖ୍ୟ ଭାବରେ ଓଡ଼ିଶାର ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି। ମହାପ୍ରଭୁଙ୍କ ଚରଣରେ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ଶ୍ରୀ ମାଝୀ।

### 'ସମ୍ବାଦ କଳିକା' ସଂପାଦକଙ୍କ ଶୋକ

ନିରଞ୍ଜନ ରଥଙ୍କ ପରଲୋକରେ 'ସମ୍ବାଦ କଳିକା' ସଂପାଦକ ଜୟାଶୀଷ ରାୟ ଗଭୀର ଶୋକପ୍ରକାଶ କରିଛନ୍ତି । ସେ ଶୋକବାର୍ତ୍ତାରେ ଶ୍ରୀ ରାୟ କହିଛନ୍ତି ଯେ, ସ୍ୱର୍ଗତ ରଥ ଜଣେ ଅତ୍ୟନ୍ତ ସରଳ ଓ କର୍ମଠ ସେବକ ଥିଲେ । ତାଙ୍କ ଜୀବନଶୈଳୀ ସାଧାରଣ ଥିଲା । ମଣ୍ଡଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥାଇ ସେ ନିଷ୍ଠାପର ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ । ଶ୍ରୀ ରାୟ ଆହୁରି କହିଛନ୍ତି ଯେ ନିରଞ୍ଜନ ରଥଙ୍କ ସହ ମୋର ଘନିଷ୍ଠ ସଂପର୍କ ଥିଲା। ଉଭୟେ ଉଭୟଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଉଥିଲୁ। ସେ ଜଣେ ସାଧାରଣ, ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଥିଲେ। ବହୁ ଉଚ୍ଚପଦବୀରେ ଥାଇ ମଧ୍ୟ ତାଙ୍କ ଜୀବନଶୈଳୀ ଅତ୍ୟନ୍ତ ସରଳ ଥିଲା । ତାଙ୍କଭଳି ଜଣେ ଦକ୍ଷତା ସଂପନ୍ନ ବ୍ୟକ୍ତିଙ୍କୁ ହରାଇ ମୁଁ ଗଭୀର ଭାବେ ମର୍ମାହତ ଓ ଦୁଃଖିତ। ଲୋକସେବକ ମଣ୍ଡଳ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ରାୟ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଶ୍ରୀ ରାୟ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।